## ସଂକ୍ଷେପରେ

### ଛୁରାମାଡ଼ରେ ଜଣେ ଗୁରୁତର

**ପାତ୍ରପୁର,୩।୬(ଡି.ଏନ୍.ଏ.):** ଜରଡ଼ା ଥାନା ଅନ୍ତର୍ଗତ ସୁରଙ୍ଗିଠାରେ ଛୁରାମାଡ଼ରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁରଙ୍ଗି ଗାଁର କାଶୀନାଥ ନାୟକଙ୍କ ପୁଅ ପିଙ୍କୁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିକଟସ୍ଥ କନିରିଡ଼ା ଗାଁର ଜଣେ ଯୁବକ ପିଙ୍କୁଙ୍କୁ ଛୁରା ମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ପିଙ୍କୁଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ପିଠି ଓ ବେକ ନିକଟରେ ଗଭୀର ଆଘାତ ଲାଗିଛି। କାଚ ଗ୍ଲାସ ଓ ଛୁରିରେ ଆକ୍ରମଣ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପଞ୍ଚାୟତ ଅଫିସରେ ରଖିଥିଲେ। ପରେ ୨ ଗାଁର ଭଦ୍ରବ୍ୟକ୍ତିମାନେ ବୈଠକ ଡକାଇ ସମସ୍ୟା ସମାଧାନ କରିଛନ୍ତି। ପିଙ୍କୁ ପେସାରେ ଜଣେ ଡ୍ରାଇଭର। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କନିରଡ଼ାର ସମ୍ପୃକ୍ତ ଯୁବକ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଅଭିଯୁକ୍ତ ଜଣକ ବ୍ରହ୍ମପୁରର ଘରୋଇ ଶିକ୍ଷାନୁଷ୍ଠାନରେ ଡ଼ିପ୍ଲୋମା ଚତୁର୍ଥ ସେମିଷ୍ଟର ଛାତ୍ର। କୌଣସି ଏକ କଥାକୁ ନେଇ ସୁରଙ୍ଗି ବସଷ୍ଟାଣ୍ଡରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ସମ୍ପୃକ୍ତ ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ ଛୁରିରେ ଆକ୍ରମଣ କରିଥିଲେ। ଜରଡ଼ା ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ସୁରଟରେ ଯୁବକ ମୃତ, ସନ୍ଦେହରେ ପରିବାର

ଭଞ୍ଜନଗର,୩।୬(ଡି.ଏନ.ଏ)-ଭଞ୍ଜନଗର ଥାନା ଗାମୁଣ୍ଡିର ଅଜୟ ଡାକୁଆଙ୍କ ରବିବାର ରାତିରେ ସୁରଟରେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅଜୟଙ୍କ ମୃତ୍ୟୁ ଘଟିଥିବା ପୋଲିସ କହୁଥିବା ବେଳେ ପରିବାର ଲୋକେ ମୃତ୍ୟୁକୁ ନେଇ ସନ୍ଦେହ ଘେରରେ ଅଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ସୁରାଟ ପୋଲିସ ସୋମବାର ସେଠାରେ ଥିବା ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରେ ଅଜୟଙ୍କ ମୃତଦେହ ସତ୍କାର କରାଯାଇଛି। ପ୍ରକାଶ ଯେ, ଅଜୟ ସୁରଟ ଟିନିକଲ ନିକଟ ନନ୍ଦିନୀ ରୋଡ଼ରେ ରହୁଥିଲେ। ରବିବାର ସୂତାକଲରୁ କାମ ସାରିବା ପରେ ରାତି ପ୍ରାୟ ୯ଟାରେ ଘରକୁ ଫେରିବା ବେଳେ ହୋଟେଲରୁ ଖାଇବା ଧରି ଚାଲିଚାଲି ଯାଉଥିଲେ। ଏହି ସମୟରେ ସେ ତାଙ୍କ ବଡ଼ ଭାଇ ବିଦେଶୀଙ୍କୁ ଫୋନ୍ କରି କଥା ହୋଇଥିଲେ। ସୋମବାର ସକାଳେ ପୋଲିସ ଅଜୟଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବିଦେଶୀଙ୍କୁ ଫୋନ୍ କରି କହିଥିଲା। ଅଜୟଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ କରୁଥିବା ବେଳେ ଏ ନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ।

### ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ଦିଗପହଣ୍ଡି,୩।୬(ଡି.ଏନ୍.ଏ.):** ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ସଭାପତି ବିନାୟକ ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବର୍ଗ ପ୍ରମୁଖ ତଥା ଶିକ୍ଷା ବିକାଶ ସମିତିର ଦକ୍ଷିଣପୂର୍ବ ସଂଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ-ଗଜପତି ଜିଲ୍ଲା ଅଧୀନ ୫୩ ଶିଶୁ ମନ୍ଦିରରୁ ୧୫୦ରୁ ଊର୍ଦ୍ଧ୍ୱ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କୁ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା, ଶିକ୍ଷାଦାନ ପଦ୍ଧତି, କର୍ତ୍ତବ୍ୟ ପରାୟଣତା, ଭାରତୀୟ ସଂସ୍କୃତି, ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଦିଗରେ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ଆବଶ୍ୟକତା, ସଂଯମ ଶିଷ୍ଟାଚାର ସମ୍ପର୍କରେ ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ ଦିନ ବ୍ୟାପୀ ଅନୁଷ୍ଠିତ ଶିବିର ୧୨ ତାରିଖରେ ଉଦ୍‌ଯାପିତ ହେବ।

### ଆବାସ କାର୍ଯ୍ୟାଦେଶ ବଣ୍ଟନ

**ଗଞ୍ଜାମ,୩।୬(ଡି.ଏନ.ଏ.):** ଗଞ୍ଜାମ ଏନଏସି ପକ୍ଷରୁ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପୂର୍ବାହ୍ନରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଂଜନ ପୃଷ୍ଟି ଗଞ୍ଜାମ ଏନଏସିକୁ ଯାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବାକୁ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ଯୋଜନାରେ ୨୮ ଜଣ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟାଯାଇଥିଲା। ବଳକା କାର୍ଯ୍ୟାଦେଶ ୨ ଦିନ ମଧ୍ୟରେ ବଣ୍ଟାଯିବ ବୋଲି ସୂଚନା ମିଳିଛି। ଏନଏସି ନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

---

■ ସହରରୁ ଅଳିଆ ସଫା କରା ନ ଯିବା ଘଟଣା

# ଏନ୍‌ଏସି କର୍ମଚାରୀଙ୍କୁ ତାଗିଦ୍ କଲେ ଉପଜିଲାପାଳ

ଭଞ୍ଜନଗର,୩।୬(ଡି.ଏନ.ଏ)

କିଛିଦିନ ପୂର୍ବେ ସହରଗୁଡ଼ିକର ପରିମଳ ସେବାକୁ ସୁଧାରିବା ପାଇଁ ଜିଲାସ୍ତରୀୟ ଏକ ସମୀକ୍ଷା ହୋଇଥିଲା। ମାତ୍ର ଭଞ୍ଜନଗର ସହରରେ ୪ ମାସ ହେବ ପରିମଳ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏହାକୁ ସୁଧାରିବା ପାଇଁ ଧ୍ୟାନ ଦିଆଯାଉନାହିଁ। ନିର୍ବାହୀ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ କାରଣରୁ ସମନ୍ୱୟର ଅଭାବ ରହୁଛି। ଯେଉଁଥିପାଇଁ ସହରରେ ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁନାହିଁ। ସହରରେ ବିପର୍ଯ୍ୟସ୍ତ ପରିମଳ ସେବା ନେଇ ସୋମବାର ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜି ଅଚାନକ ବିଭିନ୍ନ ଅଞ୍ଚଳ ବୁଲି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଦେଖିଛନ୍ତି। ସହରର ଶ୍ରୀରାମସାହି, ଆରସିରୋଡ଼, ପୁରୁଣାବଜାରସାହି, ଏଲଆଇସିକଲୋନୀ, ରାଜସ୍ୱ ବିଭାଗ କଲୋନୀ ଆଦି ଅଞ୍ଚଳରେ ବିପର୍ଯ୍ୟସ୍ତ ପରିମଳ ଦେଖି ବିରକ୍ତି ପ୍ରକାଶ କରିଥିଲେ। ଏକ ସପ୍ତାହ ମଧ୍ୟରେ ଏହାକୁ ସୁଧାରିବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅବହେଳା କଲେ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲାପାଳ ସୂଚାଇ ଦେଇଥିଲେ। ଯେଉଁଠି ଲୋକେ ଡ୍ରେନକୁ ଅବରୋଧ କରି ରଖିଛନ୍ତି ସେଠାରେ ୭ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ପାଇଁ ନିଷ୍ପତ୍ତି ହୋଇଛି। ଉପ ଜିଲାପାଳଙ୍କ ଗସ୍ତ ସମୟରେ ଏନଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ଏ ନେଇ ଏନଏସି ଯନ୍ତ୍ରୀ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସୁନ୍ଦର ସହର ଗଢ଼ି ତୋଳିବା ପାଇଁ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ସହରର ସମସ୍ତ ଘରକୁ ୨ଟି ଲେଖାଏ ଡ଼ବା ଯୋଗାଇ ଦିଆଯିବ। ଉକ୍ତ ଡ଼ବାରେ ଲୋକେ ମଇଳା ରଖିବେ। ଉକ୍ତ ମଇଳା ସଂଗ୍ରହ ପାଇଁ ଏନଏସିର ୨ଟି ଗାଡ଼ି ଘର ଘର ବୁଲିବ। ଏଥିସହ ଆଗାମୀ ଦିନରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। କମ୍ ଦିନ ମଧ୍ୟରେ ସହରର ବିପର୍ଯ୍ୟସ୍ତ ପରିମଳ ସେବାକୁ ସୁଧାରି ଦିଆଯିବ ବୋଲି ସାହୁ କହିଛନ୍ତି।



ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜି ପରିମଳ ବ୍ୟବସ୍ଥା ବୁଲି ଦେଖୁଛନ୍ତି।

---

# ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଭଞ୍ଜନଗର,୩।୬(ଡି.ଏନ.ଏ)

ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର ଭଞ୍ଜନଗରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ନୂଆ ୧୭୫ ସଭ୍ୟଙ୍କୁ ପରିଚୟପତ୍ର ଦେବାପାଇଁ ଗଞ୍ଜାମଏସ୍‌ପିଙ୍କୁ ନିବେଦନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ଓ କେନ୍ଦ୍ରର ନୂଆ ସରକାରଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଭଞ୍ଜନଗର ଓଏସ୍‌ଆରଟିସି ଜୋନରୁ ଅନ୍ୟ ଜୋନକୁ ବସ୍ ସ୍ଥାନାନ୍ତର ଯୋଜନାକୁ ସଂଘ ପକ୍ଷରୁ ବିରୋଧ କରାଯିବା ସହ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ପାଇଁ ମଧ୍ୟ ଦାବି କରାଯାଇଛି। ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସରକାରୀ ଜମି ଯୋଗାଇ ଦେବାପାଇଁ ମଧ୍ୟ ଦାବି ହୋଇଛି। ବୈଠକରେ ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ଗୌଡ଼ଙ୍କ ବିୟୋଗରେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଲୋଚନାରେ ସଂଘର ବରିଷ୍ଠ ସଭ୍ୟ ଡ. କମ୍ବୁପାଣି ସାମନ୍ତ, ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ଇଂ.ପ୍ରଭାତ ଚନ୍ଦ୍ର ତରାସିଆ, ବିଭୂତି ଭୂଷଣ ଜେନା, କେ.କୋଟେଶ ଚୌଧୁରୀ, ଅଭିରାମ ଭୂୟାଁ, ଲଡୁକିଶୋର ପ୍ରଧାନ, ଡ଼ମ୍ବୁରୁଧର ସ୍ୱାଇଁ, ଦେବରାଜ ତ୍ରିପାଠୀ, ରବିନ୍ଦ୍ର ନାଥ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସହ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

---

■ ୨୨ ଦିନରେ ପଞ୍ଚ ଠାକୁରାଣୀ ଯାତ୍ରା

# ଅସ୍ଥାୟୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ମା’ ପଞ୍ଚ ଠାକୁରାଣୀ।

ପୁରୁଷୋତ୍ତମପୁର,୩।୬(ଡି.ଏନ୍.ଏ.)

ପୁରୁଷୋତ୍ତମପୁରରେ ଚାଲିଥିବା ମା’ ପଞ୍ଚ ଠାକୁରାଣୀଙ୍କ ଯାତ୍ରା ସୋମବାର ୨୨ ଦିନରେ ପହଞ୍ଚିଛି। ମା’ଙ୍କ ଏହି ଦ୍ୱିବାର୍ଷିକ ଯାତ୍ରା ଲାଗି ଦିନକୁ ଦିନ ଗହଳି ବଢୁଛି। ସୋମବାର ସାବିତ୍ରୀ ଅମାବାସ୍ୟା ଥିବାରୁ ମା’ ପଞ୍ଚ ଠାକୁରାଣୀ ଯଥା କନକା, କାଲୁଆ, ତାରାତରିଣୀ,କାଳୀ ଓ ଫୁଲସୁନ୍ଦରୀଙ୍କ ଦର୍ଶନ ଲାଗି ଅସ୍ଥାୟୀ ମନ୍ଦିରରେ ପ୍ରବଳ ଭିଡ ଜମିଥିଲା। ଏଥିସହ ଅପେରା ରଙ୍ଗ ମହଲ, ମୀନାବଜାର, ଦୋଳି ଆଦିର ମଜା ଉଠାଇବା ଲାଗି ଜନସାଧାରଣ ଅପରାହ୍ନରୁ ଆସୁଛନ୍ତି। ଆଖପାଖ ଅଞ୍ଚଳରୁ ପୁରୁଷୋତ୍ତମପୁରକୁ ଲୋକଙ୍କ ସୁଅ ଛୁଟିଛି। ପୁରୁଷୋତ୍ତମପୁର ଏସଡିପିଓ ନିମାଇଁ ଚରଣ ସେଠୀ, ଥାନାଆଇଆଇ ସି. ଜଗନ୍ନାଥ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ମୁତୟନ ରହି ଟ୍ରାଫିକ ବ୍ୟବସ୍ଥା ସହ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ଲାଗିଛନ୍ତି।

---

■ କିଡ୍‌ନୀ ଆକ୍ରାନ୍ତଙ୍କ ଚିକିତ୍ସା, ପାଣି ଯୋଗାଣ ଦାବି

# ଏଡିଏମ୍‌ଙ୍କୁ ଭେଟିଲା ଗାଁ କମିଟି

ଛତ୍ରପୁର,୩।୬(ଡି.ଏନ.ଏ.)

ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ପି.ଲକ୍ଷ୍ମୀପୁର ଗାଁରେ କିଡନୀ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏପରିକି ଏଥିରେ କେତେଜଣଙ୍କ ମୃତ୍ୟୁ ଘଟିଥିବା ମଧ୍ୟ ଅଭିଯୋଗ ହେଉଛି। ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ଦୂରର କଥା ଏହି ରୋଗ କାହିଁକି ବ୍ୟାପୁଛି ତାହାର କାରଣ ମଧ୍ୟ ଜଣାପଡିନି। ପି. ଲକ୍ଷ୍ମୀପୁର ଏବଂ ଏହାର ଆଖପାଖ ଅଞ୍ଚଳରେ କିଡ଼ନୀ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଅଭିଯୋଗ ହୋଇଆସୁଥିବାରୁ ଗତ ମାସରେ ଏକ ମେଡିକାଲ ଟିମ୍ ଯାଇ ତଦନ୍ତ କରିଥିଲେ। ହେଲେ ରୋଗ ବ୍ୟାପିବାର କାରଣ ସ୍ପଷ୍ଟ ପଡ଼ି ନ ଥିଲା। ଅଞ୍ଚଳରେ ବିଶୁଦ୍ଧ ପାଣି ମିଳୁ ନ ଥିବା ପି ଲକ୍ଷ୍ମୀପୁରର ମୁତ୍ୟାଲାମ୍ମା ଗାଁ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ଗାଁ କମିଟି କର୍ମକର୍ତ୍ତା ଛତ୍ରପୁର ଆସି ଏ ସମ୍ପର୍କରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଋଷିକୁଲ୍ୟା ନଦୀରୁ ପାଇପ୍ ଯୋଗେ ଜଳ ଯୋଗାଣ ସହ କିଡନୀ ଆକ୍ରାନ୍ତମାନଙ୍କ ଚିକିତ୍ସା ପାଇଁ ଗାଁ କମିଟି ପକ୍ଷରୁ ଦାବି ହୋଇଛି। କିଡନୀ ରୋଗରେ ଆକ୍ରାନ୍ତ ହୋଇ ପି.ଲକ୍ଷ୍ମୀପୁର ଗାଁର ଗୌରାଙ୍ଗ ସାହୁ, ସୁରେନ୍ଦ୍ର ସାହୁ, ମୁତ୍ୟାଲା ସାହୁ, କ୍ଷୀର ସାହୁ, ଭଗବାନ ସାହୁ, ଏମ୍ ଆପନ୍ନା ଓ ଏମ୍ ବୁଦାମ୍ମାଙ୍କ ମୃତ୍ୟୁ ଘଟିଛି ବୋଲି ଗାଁ କମିଟି ପକ୍ଷରୁ କୁହାଯାଇଛି। ସେହିପରି ହରେକୃଷ୍ଣ ସେଠୀ, ବିଜୟଲକ୍ଷ୍ମୀ ଦେବୀ, କାଜଲ ସେଠୀ, ଏମ୍ ଦମୟନ୍ତୀ, ଏସ୍ ଏରାୟା, ଏମ୍ ସାବିତ୍ରୀ ଓ ଏମ୍ ନାର୍ସାମ୍ମା କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ମଧ୍ୟ କୁହାଯାଇଛି। ଏମାନଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିବାକୁ ଗାଁ କମିଟି ଅନୁରୋଧ କରିଛି। ଗୋପାଳପୁର ଏନଏସିକୁ କାଳିପଲ୍ଲୀ ପଞ୍ଚାୟତ ଦେଇ ଋଷିକୁଲ୍ୟା ନଦୀରୁ ପାଇପ ଯୋଗେ ଜଳଯୋଗାଣ ହେବାର ଯୋଜନା ହୋଇଛି। ଏଣୁ ଉକ୍ତ ପ୍ରକଳ୍ପରୁ ପାଇପ ଯୋଗେ ପି. ଲକ୍ଷ୍ମୀପୁର ଗାଁକୁ ପାଣି ଯୋଗାଇବାକୁ ଦାବି ହୋଇଛି।



ଅତିରିକ୍ତ ଜିଲାପାଳଙ୍କୁ ଭେଟିଥିବା ଗାଁ କମିଟି।

---

### ଯୁବକଙ୍କୁ ହତ୍ୟା ଘଟଣା ଅଭିଯୁକ୍ତ କୋର୍ଟଚାଲାଣ, ଖଣ୍ଡା ଜବତ

ପୁରୁଷୋତ୍ତମପୁର,୩।୬ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଥାନା ଭୂତସରସିଙ୍ଗି ପଞ୍ଚାୟତ କଇଠଡା ଗ୍ରାମରେ ଶନିବାର ସନ୍ଧ୍ୟାରେ ଡାକ୍ତର ପ୍ରଧାନଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଗାନ୍ଧୀ ପ୍ରଧାନ ଓରଫ ମାଧବ। ଥାନା କେସ ନଂ.୧୨୭/୧୯ ପ୍ରକାରେ ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ହତ୍ୟାରେ ବ୍ୟବହୃତ ଖଣ୍ଡା ଜବତ ହୋଇଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି। ପୋଲିସ ଆହୁରି ସୂଚନା ଦେଇଛି ଯେ, ୩ ମାସ ତଳେ ଡାକ୍ତର ଓ ଗାନ୍ଧୀଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ସେ ସମୟରେ ଗାନ୍ଧୀଙ୍କୁ ଡାକ୍ତର ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ପରେ ଉଭୟେ ଉଭୟଙ୍କୁ ଆକ୍ଷେପ ପ୍ରତିଆପେକ୍ଷ କରୁଥିଲେ। ଶନିବାର ସନ୍ଧ୍ୟାରେ ଡାକ୍ତର ଗ୍ରାମର ଏକ ମଣ୍ଡପରେ ବସିଥିବା ବେଳେ ଖଣ୍ଡାରେ ହାଣି ପକାଇଥିଲେ ବୋଲି ଜେରା ବେଳେ ଗାନ୍ଧୀ ସ୍ୱୀକାର କରିଥିବା ଆଇଆଇସି କହିଛନ୍ତି। ଡାକ୍ତରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

---

■ ଦାଖଲ ହୋଇନି ଧାନକିଣା କାଗଜପତ୍ର

# ୧୫ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ

ଛତ୍ରପୁର,୩।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୨୦୧୭-୧୮ରେ ହୋଇଥିବା ଧାନକିଣା ସମ୍ପର୍କିତ କାଗଜପତ୍ର ଏ ଯାଏ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇ ନାହିଁ। ଉକ୍ତ କାଗଜପତ୍ର ପଠାଇବାକୁ ପୂର୍ବରୁ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ପକ୍ଷରୁ ୨ଟି ଚିଠି ଗଞ୍ଜାମ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଆସିଥିଲା। ଏପ୍ରିଲ ୨୦ରେ ଚିଠି (ନଂ.୫୯୮୬) ଓ ମେ ୧୭ରେ (ନଂ.୭୦୮୪) ଚିଠି ଆସିଥିଲା। ପୁଣି ଗତ୧ ତାରିଖରେ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିଃର ଜେନେରାଲ ମ୍ୟାନେଜର (ଆକାଉଣ୍ଟସ୍) ବାଣୀ ପ୍ରସାଦ ଆଚାର୍ଯ୍ୟଙ୍କ ଏକ ଚିଠି (ନଂ.୭୮୭୮) ଗଞ୍ଜାମ ଜିଲା ଯୋଗାଣ ଅଧିକାରୀଙ୍କ ପାଖକୁ ଆସିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ୨୦୧୭-୧୮ରେ ଜିଲାରେ ହୋଇଥିବା ଧାନକିଣା ସମ୍ବନ୍ଧୀୟ କାଗଜପତ୍ର ସହ ଭାଉଚର ପଠାଇବାକୁ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ପ୍ରକାଶଯୋଗ୍ୟ, ଜୁନ୍ ଶେଷ ସୁଦ୍ଧା ଧାନକିଣା ସମ୍ବନ୍ଧୀୟ ତଥ୍ୟ ଭାରତ ସରକାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଠାଯିବ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ସମେତ ଅନ୍ୟ ଯେଉଁ ଜିଲା ପକ୍ଷରୁ କାଗଜପତ୍ର ଦେଇନାହାନ୍ତି ସେମାନଙ୍କୁ ପଠାଇବା ପାଇଁ କହିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଓଡିଶା ରାଜ୍ୟ ଯୋଗାଣ ନିଗମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ନିଗମ ପକ୍ଷରୁ ଜିଲାପାଳଙ୍କ ନିକଟକୁ ଚିଠି ଆସିଛି।

---

# ସାପ କାମୁଡ଼ାରେ ଜଣେ ମୃତ

**ଗୋପାଳପୁର,୩।୬:** ଗୋଳନ୍ଥରା ଥାନା ବଡ଼ଚନ୍ଦନବାଡ଼ ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ବି. କାମେୟା ରେଡ୍ଡୀ (୬୫)। କାମେୟା ସନ୍ଧ୍ୟାରେ ଘର ବାଡିପଟେ ପରିସ୍ରା କରୁଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ନଂ. ୧୫/୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

---

# ତ୍ରିରଙ୍ଗା ଯୁବକ ସଂଘ କାର୍ଯ୍ୟକର୍ତ୍ତା ମନୋନୀତ

ହିଞ୍ଜିଳିକାଟୁ,୩।୬(ଡ଼ି.ଏନ୍.ଏ)

ହିଞ୍ଜିଳିକାଟୁ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ତ୍ରିରଙ୍ଗା ଯୁବକ ସଂଘ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ସନ୍ଧ୍ୟାରେ ଚନ୍ଦ୍ର କନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ସାଧାରଣ ପରିଷଦ ପାଇଁ ନୂତନ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା। କର୍ମକର୍ତ୍ତା ଭାବେ ଉପସଭାପତି – ପ୍ରଭାତ କୁମାର ମହାରଣା, ସମ୍ପାଦକ – ଚିମନ ସାହୁ, ରଜତ କୁମାର ମହାରଣା, କିରଣ କୁମାର ପୃଷ୍ଟି ଓ କୋଷାଧ୍ୟକ୍ଷ ଭାବେ ସିପୁନ ପାଢ଼ୀ ସର୍ବ ସମ୍ମତ ମନୋନୀତ ହୋଇଥିଲେ। ଆସନ୍ତା ବର୍ଷା ଋତୁରେ ଅଧିକ ଚାରା ରୋପଣ କରି ପୌରାଞ୍ଚଳରେ ସବୁଜ ବଳୟ ସୃଷ୍ଟି ପାଇଁ ମତ ପ୍ରକାଶ ପାଇଥିଲା। ଏହାର ସୁପରିଚାଳନା ପାଇଁ ଏକ ସବୁଜ ପରିବାର ଗଠନ ହୋଇଥିଲା। ଶିବଶମ୍ଭୁ ଗୌଡ଼ ସବୁଜ ପରିବାରର ସଂଯୋଜକ ଓ ଆଶିଷ ମହାନ୍ତି ସହ ସଂଯୋଜକ ଭାବେ ମନୋନୀତ ହୋଇଥିଲେ। ବୈଠକରେ ସଂଘର ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




ବୈଠକରେ ଉପସ୍ଥିତ ସଦସ୍ୟ।

---

### ଘର ତିଆରି ବେଳେ କାଠ ଖସି ଜଣେ ଗୁରୁତର



ପାତ୍ରପୁର,୩।୬(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ହରଡ଼ାପାଟୁ ଗ୍ରାମରେ ସୋମବାର ଘର ତିଆରି ବେଳେ କାଠଖସି ପଡ଼ିବାରୁ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ସେବକ ନାୟକ (୫୨)। ସେବକ ତିତ୍‌ଲିରେ କ୍ଷତି ହୋଇଥିବା ଘରକୁ ସଜାଡୁଥିବା ବେଳେ ଏକ କାଠ ଖସି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଓ ଗ୍ରାମବାସୀ ପ୍ରାୟ ୧୦ କିମି ବୋହି ଆଣିବା ପରେ ପୁରିଆସାହି ନିକଟରୁ ଏକ ଗାଡ଼ି ଯୋଗେ ପାତ୍ରପୁର ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ହରିଡ଼ାପାଟୁ ରାସ୍ତା ନିର୍ମାଣ ହେଉ ନ ଥିବାରୁ ଏହି ଅଞ୍ଚଳର ଆଦିବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏଥିପ୍ରତି ତୁରନ୍ତ ପ୍ରାଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

---

■ ଫନୀକୁ ମାସେ ପୂରିଲା

# ହଟିଲାନି ପୋଖରୀରେ ପଡ଼ିଥିବା ଗଛ

ଗଞ୍ଜାମ,୩।୬(ଡି.ଏନ.ଏ.)

ଗତ ମେ ୩ ତାରିଖରେ ହୋଇଥିବା ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଚୌଧୁରୀସାହି ନିକଟ ଏକ ବରଗଛ ଖାଇଲା ବନ୍ଧକୁ ଓଲଟି ପଡ଼ିଥିଲା। ବର୍ତ୍ତମାନ ଫନୀକୁ ମାସେ ବିତି ଯାଇଥିଲେ ସୁଦ୍ଧା ଉକ୍ତ ଗଛକୁ ଏନ୍‌ଏସି ପକ୍ଷରୁ ହଟା ଯାଇ ନ ଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଗଛର ଡାଳପୁଆ ପାଣିରେ ଦୀର୍ଘଦିନ ଧରି ପଡ଼ି ରହିବା ଫଳରେ ସେଗୁଡ଼ିକ ପଚି ପୋଖରୀ ପାଣି ନଷ୍ଟ ହେବାକୁ ବସିଲାଣି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ପୋଖରୀ ପାଣି ନେଳିଆ ପଡ଼ିଯିବାରୁ ଗାଧୋଇବା ଉପଯୋଗୀ ନୁହେଁ ବୋଲି ୱାର୍ଡ ନଂ. ୧ ପଣ୍ଡା ସାହିର ମଦନ ପାଢ଼ୀ କହିଛନ୍ତି। ଏଥିସହିତ ପ୍ରତିବର୍ଷ ସହରରେ ଥିବା କୂଅ ଓ ପୋଖରୀ ଗୁଡ଼ିକର ପୁନରୁଦ୍ଧାର କରାଯିବା ପାଇଁ ଜିଲା ପ୍ରଶାସନ ଓ ସରକାରଙ୍କ ନିର୍ଦ୍ଦେଶ ଥିଲେ ତାହା କାର୍ଯ୍ୟକାରୀ ହେଉନାହିଁ। ଏନ୍‌ଏସି ସକାଳୁଆ ଅଫିସ ଥିଲେ ମଧ୍ୟ ଅଫିସରମାନେ ବିଳମ୍ବରେ ଆସୁଥିବାରୁ ସ୍ଥାନୀୟ ଜନସାଧାରଣ କାହା ନିକଟରେ ଅଭିଯୋଗ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେଥିପାଇଁ ଅଫିସରେ ଲଗା ଯାଇଥିବା ବାୟୋମେଟ୍ରିକ୍ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ଟୁଡୁଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱୀକାର କରିବା ସହ ଜେସିବି ମେଶିନ ସାହାଯ୍ୟରେ ଶୀଘ୍ର ଗଛ ବାହାର କରିବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି।



ପୋଖରୀରେ ପଡ଼ିଥିବା ବରଗଛ।

## ସଂକ୍ଷେପରେ

### ରଶିଦେଇ ଡ୍ରାଇଭରଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୩।୬:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗରରେ ଜଣେ କାର ଡ୍ରାଇଭର ବେଡ଼ଶିଟ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ଡ୍ରାଇଭର ଜଣକ ପୂର୍ଣ୍ଣଚନ୍ଦ୍ର ମହାରଣା (୪୨) । ସେ ଗୋଇଲୁଣ୍ଡିରେ ଘରଭଡା ନେଇ ରହୁଥିଲେ ବୋଲି ପୋଲିସ କହିଛି । ଘରୋଇ କଳିରୁ ରବିବାର ରାତିରେ ପୂର୍ଣ୍ଣଚନ୍ଦ୍ର ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି । ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସୋମବାର ସନ୍ଧ୍ୟା ସୁଦ୍ଧା ବ୍ରହ୍ମପୁରରେ ପହଞ୍ଚି ପାରି ନ ଥିବା ପୋଲିସ କହିଛି। ଅନ୍ୟପଟେ ପୋଲିସ ପୂର୍ଣ୍ଣଚନ୍ଦ୍ର ଚଳାଉଥିବା କାର ମାଲିକ ମନୋଜ କୁମାର ଦାସଙ୍କ ସୂଚନାକୁ ଆଧାର କରି ମୃତଦେହ ଜବତ କରିଛି । ନଂ.୨୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସାବିତ୍ରୀ ଅମାବାସ୍ୟା ଲାଗି ତାଙ୍କ ବାପଘର ଫୁଲବାଣୀ ଚାଲି ଯାଇଥିଲେ। କାର ଭଡା ନେଇ ରବିବାର ପୂର୍ଣ୍ଣଚନ୍ଦ୍ର କଟକ ଯାଇଥିଲେ। ରାତି ୧୦ ଟାରେ କାର ଆଣି ମାଲିକ ମନୋଜଙ୍କ ଘରେ ରଖିଥିଲେ । ରାତି ହୋଇଯାଇଥିବାରୁ ସେ ମନୋଜଙ୍କ ଉପର ମହଲାରେ ଥିବା ଏକ ଅଫିସ ରୁମରେ ଶୋଇ ପଡ଼ିଥିଲେ । ସୋମବାର ସକାଳେ ମନୋଜ ତାଙ୍କ ଡ୍ରାଇଭରଙ୍କୁ ଉଠାଇବାକୁ ଯାଇଥିଲେ । ହେଲେ ରୁମ ଭିତର ପଟୁ କବାଟ ବନ୍ଦ ଥିବା ବେଳେ ସେ ବାଡେଇ ଥିଲେ । ଡ୍ରାଇଭର କବାଟ ନ ଖୋଲିବାରୁ ସେ ଥାନାରେ ଅଭିଯୋଗ କରିଥିଲେ।

### ଧ୍ୟାନଚାନ୍ଦ ସ୍ମାରକୀ ବାସ୍କେଟବଲ୍ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ୍,୩।୬:** ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସ୍ପୋର୍ଟ ଏରିନାରେ ମଡର୍ନ ୟୁଥ୍ କ୍ଲବ ଏବଂ ବିଏମ୍‌ସି ତରଫରୁ ଚାଲିଥିବା ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ଅବସରରେ ଧ୍ୟାନଚାନ୍ଦ ମହାନ୍ତି ସ୍ମାରକୀ ବାସ୍କେଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗ ଫାଇନାଲ୍‌ରେ ରାଇଜିଙ୍ଗ୍ ଷ୍ଟାର୍‌କୁ ପରାସ୍ତ କରି ଥଣ୍ଡର୍ସ ଦଳ ଚାମ୍ପିୟନ୍ ହୋଇଥିଲା । ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। କ୍ଲବ କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ପାତ୍ର, ସଞ୍ଜୟ ମହାପାତ୍ର, ସଞ୍ଜୟ ହୋତା, କୋଚ୍ ବିନାୟକ ହୋତା, ଶ୍ରୀମନ ନାୟକ, ଦୀପକ ରଥ, ପ୍ରଶାନ୍ତ ରାଉତ ଓ ଗୌରୀଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତିନି ଦିନିଆ ପ୍ରତିଯୋଗିତାରେ ଛ'ଟି ଦଳ ଭାଗ ନେଇଥିଲେ ।

## ଦକ୍ଷିଣାଞ୍ଚଳ ଜୋନ୍: ଯୁକ୍ତ ୨ ବିଜ୍ଞାନ ଫଳ ପ୍ରକାଶ

# ପାସ୍ ହାରରେ ଗଞ୍ଜାମ ଜିଲା ଶୀର୍ଷରେ

**ବ୍ରହ୍ମପୁର ଅଫିସ୍,୩।୬**

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ମଧ୍ୟାହ୍ନରେ ପ୍ରକାଶ ପାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଫଳାଫଳ ଘୋଷଣା କରିଥିଲେ। ଦକ୍ଷିଣାଞ୍ଚଳ ଜୋନ୍ ଅଧୀନ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଏବଂ କନ୍ଧମାଳ ଜିଲାର ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି । ଏହି ୮ ଜିଲାରେ ଚଳିତ ବର୍ଷ ମୋଟ ୧୯ ହଜାର ୬୭୩ ପରୀକ୍ଷାର୍ଥୀ ବିଜ୍ଞାନ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୯ ହଜାର ୩୪୮ ଜଣ ପରୀକ୍ଷା ଦେଇଥିଲେ। ତେବେ ୧୨ ହଜାର ୪୧୩ ଜଣ ଅର୍ଥାତ ୫୨.୪୭ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୦୮୪ ଜଣ ପ୍ରଥମ ଶ୍ରେଣୀ, ୩୯୬୪ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୫୨୪୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଜୋନ୍ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି ।

ଗଞ୍ଜାମ ଜିଲାରେ ଚଳିତ ବର୍ଷ ବିଜ୍ଞାନରେ ୧୦ହଜାର ୮୪୩ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮ହଜାର ୯୦ ଜଣ ଅର୍ଥାତ୍ ୭୪.୬୧ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି । ସେଥିରେ ୨୩୧୮ ଜଣ ପ୍ରଥମ, ୨୭୨୦ ଜଣ ଦ୍ୱିତୀୟ ଏବଂ ୨୯୬୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୮୭ ଜଣ କମ୍ପାର୍ଟମେଣ୍ଟରେ ପାସ କରିଥିବା ବେଳେ ୧୬ ଜଣ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ ହୋଇଛନ୍ତି ।

ଗଜପତି ଜିଲାରେ ୧୦୧୧ ପରୀକ୍ଷା ଦେଇଥିଲେ । ସେଥିରୁ ୩୬୬ ଜଣ ଅର୍ଥାତ ୩୬.୦୨ ପ୍ରତିଶତ ପାସ କରିଛନ୍ତି ।

**ଗଜପତି ଜିଲା ଫଳାଫଳ ନୈରାଶ୍ୟଜନକ**

ଏହା ଦକ୍ଷିଣାଞ୍ଚଳ ଜୋନ୍‌ରେ ସର୍ବନିମ୍ନ। କୋରାପୁଟ ଜିଲାରେ ୨୬୩୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥିରୁ ୧୩୯୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଫଳାଫଳ ହାର ରହିଛି ୫୨.୭୫ ପ୍ରତିଶତ। ୪୦୦ ଜଣ ପ୍ରଥମ ଶ୍ରେଣୀରେ, ୪୨୫ ଜଣ ଦ୍ୱିତୀୟ ଶ୍ରେଣୀରେ, ୫୬୨ଜଣ ତୃତୀୟ ଶ୍ରେଣୀରେ, ୩ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଥିବା ବେଳେ ୧୩ ଜଣ ମାଲ ପ୍ରାକ୍ଟିସ ହୋଇଛନ୍ତି । ମାଲକାନଗିରି ଜିଲାରେ ୧୦୯୩ ପରୀକ୍ଷା ଦେଇଥିଲେ । ୬୬୪ ଅର୍ଥାତ ୬୦.୭୫ ପ୍ରତିଶତ ପରୀକ୍ଷାର୍ଥୀ ପାସ କରିଛନ୍ତି । ୭୩ ଜଣ ପ୍ରଥମ, ୧୭୭ ଦ୍ୱିତୀୟ, ୪୧୦ ତୃତୀୟ ଶ୍ରେଣୀରେ, ୪ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଥିବା ବେଳେ ୭ ଜଣ ଏମ୍‌ପି ହୋଇଛନ୍ତି। ନବରଙ୍ଗପୁର ଜିଲାରେ ୧୨୨୯ ପରୀକ୍ଷା ଦେଇଥିଲେ । ୫୭୯ ଜଣ ଅର୍ଥାତ ୪୭.୧୧ ପ୍ରତିଶତ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ୭୩ ଜଣ ପ୍ରଥମ, ୧୬୯ ଜଣ ଦ୍ୱିତୀୟ, ୩୨୮ ଜଣ ତୃତୀୟ ଶ୍ରେଣୀରେ, ୯ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଥିବା ବେଳେ ୧୫ ଜଣ ଏମ୍‌ପି ହୋଇଛନ୍ତି। ରାୟଗଡ଼ା ଜିଲାରେ ୧୮୧୮ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୧୦୨୭ ଜଣ ଅର୍ଥାତ ୫୬.୪୯ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ୧୮୭ ଜଣ ପ୍ରଥମ, ୩୩୮ ଜଣ ଦ୍ୱିତୀୟ, ୪୮୯ ଜଣ ତୃତୀୟ, ୧୩ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଛନ୍ତି । ୫ ଜଣ ମାଲ ପ୍ରାକ୍ଟିସ ହୋଇଛନ୍ତି । ବୌଦ୍ଧ ଜିଲାରେ ୧୫୨ ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୮୨ ଜଣ ଅର୍ଥାତ ୫୩.୯୪ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ୬ ଜଣ ପ୍ରଥମ, ୨୯ ଜଣ ଦ୍ୱିତୀୟ, ୪୭ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି । କନ୍ଧମାଳ ଜିଲାରେ ୫୬୭ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୨୧୫ ଜଣ ଅର୍ଥାତ୍ ୩୭.୯୧ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୧ ଜଣ ପ୍ରଥମ, ୫୧ ଜଣ ଦ୍ୱିତୀୟ, ୧୫୩ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୩ ଜଣ ଏମ୍‌ପି ହୋଇଛନ୍ତି ।

ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୧ ଜଣ ଏବଂ ବ୍ରହ୍ମପୁରସ୍ଥିତ ନାଳନ୍ଦା ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଏହିପରି ୧୩ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ସହ କୃତିତ୍ୱ ହାସଲ କରିଥିବା ଓଝା ସୂଚନା ଦେଇଛନ୍ତି ।

### ଘର ଜଳିଗଲା

**ବେଗୁନିଆପଡା,୩।୬(ଡି.ଏନ.ଏ.)**

ରବିବାର ବିଳମ୍ବିତ ରାତିରେ ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ ମର୍ଦ୍ଦକୋଟ ପଞ୍ଚାୟତର ଓଡ଼ନଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଜଣଙ୍କ ଘର ପୋଡି ପାଉଁଶ ହେବା ସହ ଆସବାବପତ୍ର ନଷ୍ଟ ହୋଇଯାଇଛି । ବିପନ୍ନ ହେଉଛନ୍ତି ଗୋପୀ ଦାସଙ୍କ ଝିଅ ବିନ ଦାସ। ସୂଚନା ଅନୁଯାୟ, ବିନ ଅବିବାହିତ ହୋଇଥିବା ବେଳେ ସେ ଗ୍ରାମଠାରୁ କିଛି ଦୂରରେ ଏକ କୁଡ଼ିଆ ଘର କରି ରହୁଥିଲେ। ରବିବାର ସେ ପିଉସୀ ଘର ଖଣ୍ଡିଆନଇ ଯାଇଥିବା ବେଳେ ମଧ୍ୟ ରାତ୍ରିରେ କୌଣସି କାରଣରୁ ଘରେ ଅଗ୍ନିକାଣ୍ଡ ଘଟିଥିଲା । ଘରଟି ଗ୍ରାମଠାରୁ ଦୂରରେ ଥିବାରୁ ଏହା କେହି ଜାଣିପାରି ନ ଥିଲେ । ଫଳରେ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସମସ୍ତ ଆସବାବପତ୍ର ସହ ଦୁଇ ବସ୍ତା ଚାଉଳ, ମୁଗ, ରାଶି, କିଛି ଟଙ୍କା, ରାଶନ କାର୍ଡ, ଆଧାର କାର୍ଡ, ବ୍ୟାଙ୍କ ଖାତା, ଭଡା ଖାତା, ଜମିପଟା ଓ ରୋଷେଇ ସାମଗ୍ରୀ ଆଦି ପୋଡି ପାଉଁଶ ହୋଇଯାଇଥିବା ବିନ ପ୍ରକାଶ କରିଛନ୍ତି। ବିପନ୍ନଙ୍କୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ରେକର୍ଡ଼

# ୯୦%ରୁ ଅଧିକ ମାର୍କ ରଖିଲେ ୧୧ ଛାତ୍ରୀଛାତ୍ର



ସତ୍ୟରଞ୍ଜନ ଦତ୍ତ । ଦେବସ୍ମିତା ସାହୁ । ଆୟୁଷ ବିଶ୍ୱାଳ । ଶୁଭମ ରଥ । ଆଦିତ୍ୟ ରଞ୍ଜନ ନାୟକ । ସୌମ୍ୟଶ୍ରୀ ଖାଡଙ୍ଗା ।

**ବ୍ରହ୍ମପୁର ଅଫିସ୍,୩।୬**

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥର ମଧ୍ୟ ସାରା ରାଜ୍ୟରେ ରେକର୍ଡ ସୃଷ୍ଟି କରିଛି ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର। ସାରା ରାଜ୍ୟରେ ସମସ୍ତ ମହାବିଦ୍ୟାଳୟର ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ମୋଟ ୬୦ଜଣଙ୍କ ମଧ୍ୟରୁ ଏହି ମହାବିଦ୍ୟାଳୟର ରହିଛନ୍ତି ୧୧ ଛାତ୍ରୀଛାତ୍ର । ମୋଟ ୫୧୦ ଛାତ୍ରୀଛାତ୍ର ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୪୨୪ଜଣ ପ୍ରଥମ ଶ୍ରେଣୀରେ ଅର୍ଥାତ୍ ୮୮.୩୫ପ୍ରତିଶତ ଛାତ୍ରୀଛଶତ୍ର ପାସ୍ କରିଥିବା ବେଳେ ୬୯ ଜଣ ଅର୍ଥାତ୍ ୯.୭ପ୍ରତିଶତ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣୀରେ ଏବଂ ୧.୯୫ପ୍ରତିଶତ ଅର୍ଥାତ୍ ୧୬ଜଣ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଜଣେ ଫେଲ ହୋଇଥିବା ଜଣାପଡିଛି। ଛାତ୍ର ସତ୍ୟରଞ୍ଜନ ଦତ୍ତ ମୋଟ ୫୫୩ ନମ୍ବର ଅର୍ଥାତ୍ ୯୨.୧୭ପ୍ରତିଶତ ମାର୍କ ରଖି ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ଦ୍ୱିତୀୟ ସ୍ଥାନରେ ଦେବସ୍ମିତା ସାହୁ ୫୫୨ ମାର୍କ (୯୨%), ତୃତୀୟ ସ୍ଥାନରେ ଆୟୁଷ ବିଶ୍ୱାଳ ୫୫୧ ମାର୍କ(୯୧.୮୩%), ଚତୁର୍ଥ ସ୍ଥାନରେ ଶୁଭମ୍ ରଥ ୫୫୦ ମାର୍କ (୯୧.୬୭%), ପଞ୍ଚମ ସ୍ଥାନରେ ଆଦିତ୍ୟ ରଞ୍ଜନ ନାୟକ ୫୪୯ ମାର୍କ (୯୧.୫୦%), ଷଷ୍ଠ ସ୍ଥାନରେ ସୌମ୍ୟଶ୍ରୀ ଖାଡଙ୍ଗା ୫୪୭ ମାର୍କ (୯୧.୧୭%), ସପ୍ତମ ସ୍ଥାନରେ ଦୁଇଜଣ ଲକ୍ଷ୍ମୀକାନ୍ତ ପରିଡା ଏବଂ ଶ୍ରୀଧର ପଣ୍ଡା ୫୪୪ ମାର୍କ (୯୦.୬୭%), ଅଷ୍ଟମ ସ୍ଥାନରେ ଆୟେଷା ଅଂଶୁପ୍ରିୟା ୫୪୩ ମାର୍କ (୯୦.୫୦%), ନବମ ସ୍ଥାନରେ ଦୁଇଜଣ ଉମାକାନ୍ତ ପ୍ରଧାନ ଏବଂ ସୁମନ ମିଶ୍ର ୫୪୦ ମାର୍କ (୯୦%) ମାର୍କ ରଖିଛନ୍ତି। ଛାତ୍ରଛାତ୍ରୀମାନଙ୍କ ରାଜ୍ୟସ୍ତରୀୟ ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ. ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ମହାବିଦ୍ୟାଳୟ ଅଧକ୍ଷ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଅଭିଭାବକଙ୍କ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ସଂଗ୍ରାମୀ ମୋହନ ନାୟକଙ୍କ ଜୟନ୍ତୀ ପାଳିତ



ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

**ବ୍ରହ୍ମପୁର ଅଫିସ,୩।୬**

ସ୍ୱାଧୀନତା ସଂଗ୍ରାମୀ, ରାଜ୍ୟର ପୂର୍ବତନ ମନ୍ତ୍ରୀ, ଲୋକସଭାର ପ୍ରାକ୍ତନ ଏମ୍‌ପି, ବିଶିଷ୍ଟ ରାଜନେତା ସ୍ୱର୍ଗତ ମୋହନ ନାୟକଙ୍କ ୯୮ତମ ଜୟନ୍ତୀ ସୋମବାର ବ୍ରହ୍ମପୁରରେ ପାଳିତ ହୋଇଥିଲା। ସବ୍‌ରେଜିଷ୍ଟ୍ରି ଛକରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମୂହ ପ୍ରାର୍ଥନା କରାଯାଇଥିଲା। ହାଡ଼ିକୂଳ ମହାସଂଘ ପକ୍ଷରୁ ଆସିକା ରୋଡସ୍ଥ ଧାନମେରା ସାହିରେ ଆୟୋଜିତ ସ୍ମୃତିଚାରଣ ସଭାରେ ସୁକାନ୍ତ ମୁଖୀ, ଦେବେନ୍ଦ୍ର ଘଡ଼ାଇ, ଚିନ୍ତାମଣି ନାୟକ, ଶ୍ୟାମ ସୁନ୍ଦର ନାୟକ, ସୁନୀଲ ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରବି ରଥ ଓ ଆଇନଜୀବୀ ପ୍ରଦୀପ ବେହେରାଙ୍କ ସମେତ ଅନ୍ୟାମାନେ ଉପସ୍ଥିତ ଥିଲେ ।

# ସୁଲତାନ, ଗୋବିନ୍ଦଙ୍କୁ ଧରିବାକୁ ପୋଲିସର ରଣନୀତି

**ବ୍ରହ୍ମପୁର ଅଫିସ,୩।୬**

**ମନୋଜ ହତ୍ୟା ମାମଲା**

ମନୋଜ ଜେନା ହତ୍ୟା ମାମଲାର ୨ ଜଣ ପେଷାଦାର ଅପରାଧୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ସୁପାରିଦାତା ମଦ ବ୍ୟବସାୟୀ ଗୋବିନ୍ଦ ଓ ସାତ ସାତୋଟି ହତ୍ୟା ମମାଲରେ ସମ୍ପୃକ୍ତ ଥିବା ପେଷାଦାର ଅପରାଧୀ ସୁଲତାନ ଓରଫ ସୁନୀଲ ନାୟକଙ୍କୁ ଧରିବା ପାଇଁ ପୋଲିସ ଏବେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ମନୋଜଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ଗୋବିନ୍ଦ ୧୦ ଲକ୍ଷ ଟଙ୍କା ସୁଲତାନଙ୍କୁ ସୁପାରି ଦେଇଥିବା ନେଇ ଚର୍ଚ୍ଚା ହେଉଛି। ଗତ ୨୨ ତାରିଖରେ ମନୋଜଙ୍କ ସହ ଆସିଥିବା ତାଙ୍କ କାର ଡ୍ରାଇଭର ଓ ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଏବେ ବିଭିନ୍ନ ଥାନାରେ ଅଟକ ରଖି ଜେରା ଚଳାଇ ଅଧିକ ତଥ୍ୟ ହାସଲ କରିଛି। ସେମାନଙ୍କ ବୟାନକୁ ଆଧାର କରି ପୋଲିସ ଅନେକ ତଥ୍ୟ ହାସଲ କରିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଏପରିକି ଗତ ୩୧ ତାରିଖ ରାତିରେ ଏହି ହତ୍ୟାକାଣ୍ଡର ୨ ମୁଖ୍ୟ ଅଭିଯୁକ୍ତ ବୁଲୁ ଓରଫ ଗଣେଶ ନାୟକ ଓ ହୃଷୀକେଶ ପାତ୍ର ଆନ୍ଧ୍ରପ୍ରଦେଶ ଅଭିମୁଖେ ଚମ୍ପଟ ମାରୁଥିବା ବେଳେ ପୋଲିସ ସହ ଏନ୍‌କାଉଣ୍ଟର ବେଳେ ସେମାନେ ଗୁରତର ହୋଇଥିଲେ। ଏହି ହତ୍ୟା ଘଟଣା ପଛରେ ଥିବା ସମସ୍ତ ରହସ୍ୟ ପୋଲିସ ଏବେ ଜାଣିପାରିଛି । ତଦନ୍ତରେ ବାଧା ଦୃଷ୍ଟିରୁ ଅଧିକ ତଥ୍ୟ ଦେବାକୁ ମନା କରିଛି। ରାଜନୈତିକ ଅକ୍ରୋଶ, ଜଣେ ଅଭିଯୁକ୍ତଙ୍କ ଭଉଣୀଙ୍କୁ ବଳାତ୍କାର ଓ ମଦ ବ୍ୟବସାୟୀ ଗୋବିନ୍ଦଙ୍କ ସହ ବ୍ୟବସାୟିକ ଶତ୍ରୁତାରୁ ଲାଗି ରହିଥିବା ପୁଞ୍ଜୀଭୂତ ଅଶାନ୍ତିରୁ ମନୋଜଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପୋଲିସ ଘଟଣାର ତଦନ୍ତ ବେଳେ ଜାଣିବାକୁ ପାଇଛି । ମନୋଜଙ୍କୁ ହତ୍ୟା କରିବାକୁ ନେଇ ଆସିକା ଅଞ୍ଚଳରେ ଥିବା ଏକ ମଦଭାଟି ଓ ଭୁବନେଶ୍ୱରରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ଗତ ୧ ତାରିଖ ରାତିରେ ବ୍ରହ୍ମପୁର ପୋଲିସ ଓ ଆସିକା ପୋଲିସ ମିଳିତ ଭାବେ ଆସିକା ସିଦ୍ଧିନୂଆପଲିରେ ଥିବା ଏକ ମଦଭାଟିରେ ସୁଲତାନ ଓ ଗୋବିନ୍ଦ ଆଶ୍ରୟ ଦେଇଥିବା ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ସୁଲତାନ ଓ ଗୋବିନ୍ଦ ପୋଲିସକୁ ଚକମା ଦେଇ ଖସି ପଳାଇଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ମଦ ଭାଟି ଭିତରୁ ପୋଲିସ ୫ ଅଫୁଟା ବୋମା, ୪ ଖଣ୍ଡା ସହିତ ଅନେକ ମାରଣାସ୍ତ୍ର ଜବତ କରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବ୍ରହ୍ମପୁର ଅତିରିକ୍ତ ତହସିଲଦାର ଗୋପାଳ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ମଦଭାଟିକୁ ସିଲ କରି ଦିଆଯାଇଥିବା ପୋଲିସ ସୂଚନା ଦେଇଛି। ଏହି ହତ୍ୟାକାଣ୍ଡର ୨ ହତ୍ୟାକାରୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି । ସେମାନେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଫେରାର ସୁଲତାନଙ୍କ ନାଁ'ରେ ଅନେକ ହତ୍ୟା ମାମଲା ରହିଛି। ମନୋଜ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି ।

# ଜିଲା ବାହାରକୁ ଆମ୍ବୁଲାନ୍ସ ଗଲେ ଜିଲାପାଳଙ୍କ ଅନୁମତି ଉଚ୍ଛେଦ ଦାବି

**ବ୍ରହ୍ମପୁର ଅଫିସ୍,୩।୬**




ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ସ୍ୱାସ୍ଥ୍ୟ ସେବାରେ ସୁଧାର ପାଇଁ ମାନବ ଅଧିକାର ସୁରକ୍ଷା ମଞ୍ଚ ତରଫରୁ ଘଣ୍ଟଯାତ୍ରା ସୋମବାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଥିଲା । ମୃତଦେହ ବୋହିବା ପାଇଁ ରାଜ୍ୟ ସରକାର ମହାପ୍ରୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଆବଶ୍ୟକ ବେଳେ ଆମ୍ବୁଲାନ୍ସ ମିଳୁନି। ନିୟମ, ଅନୁପତି ପତ୍ର ଏବଂ ଅତ୍ୟଧିକ ଦର ଯୋଗୁ ସମ୍ପର୍କୀୟମାନେ ମହାପ୍ରୟାଣ ଗାଡ଼ି ପାଉନାହାନ୍ତି । ବଡ଼ ମେଡ଼ିକାଲ୍‌ରେ ଆମ୍ବୁଲାନ୍ସ ଇନ୍‌ଚାର୍ଜ, ଡ୍ରାଇଭର୍‌ମାନେ ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଥିବା ଅଧିକାଂଶ ସମୟରେ କହୁଛନ୍ତି । କିଲୋମିଟର ପିଛା ୧୨ ଟଙ୍କା ହିସାବରେ ଆଦାୟ କରୁଛନ୍ତି। ୧୦୮ ଆମ୍ବୁଲାନ୍ସ ମାଗଣା ଥିବା ବେଳେ ମହାପ୍ରୟାଣ ଗାଡ଼ି ପାଇଁ ପ୍ରଚୁର ଟଙ୍କା ଆଦାୟ ହେଉଛି। ଜିଲା ପ୍ରଶାସନ ତରଫରୁ ଆଉ ଏକ ନିର୍ଦ୍ଦେଶନାମା ରହିଛି । ମୃତଦେହ ଯଦି ଜିଲା ବାହାରକୁ ଯିବ, ତେବେ ମହାପ୍ରୟାଣ ଗାଡ଼ି ପାଇଁ ଜିଲାପାଳଙ୍କଠାରୁ ଅନୁମତି ନେବାକୁ ପଡୁଛି । କିନ୍ତୁ ସବୁ ସମୟରେ ଅନୁମତି ନେବା ସମ୍ଭବ ହେଉନାହିଁ। ପ୍ରଭାବଶାଳୀଙ୍କୁ ଛାଡ଼ିଦେଲେ, ଅନ୍ୟମାନେ ଏହାର ସୁବିଧା ପାଉନାହାନ୍ତି। ଏହାର ଫାଇଦା ନେଇ ଘରୋଇ ଗାଡି ଚାଳକମାନେ କିଲୋମିଟର ପିଛା ୧୫ଟଙ୍କା ଆଦାୟ କରୁଛନ୍ତି। ଏଣୁ ଜିଲାପାଳଙ୍କ ଅନୁମତି ନିୟମକୁ ହଟାଇବାକୁ ଦାବି କରାଯାଇଛି। ଦକ୍ଷିଣ ଓଡ଼ିଶାର ଲକ୍ଷାଧିକ ରୋଗୀ ଏବଂ ପଡୋଶୀ ଜିଲାର ବହୁ ରୋଗୀ ବଡ଼ ମେଡ଼ିକାଲକୁ ଆସୁଛନ୍ତି। ହେଲେ ରୋଗୀଙ୍କ ଅନୁପାତରେ ଆମ୍ବୁଲାନ୍ସ ନାହିଁ। ଏହି ଅସୁବିଧାର ସମାଧାନ ପାଇଁ ଦାବି କରାଯାଇଥିଲା। ମଞ୍ଚ ଆବାହକ ଅବନୀ କୁମାର ଗୟା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ପୂର୍ଣ୍ଣଚନ୍ଦ୍ର ମହାରଣା, ମାଗୁଣି ନାହାକ, ମହେଶ୍ୱର ବାଡ଼ତ୍ୟା, ଲକ୍ଷ୍ମୀ ନାରାୟଣ ରାଉତ, ମନୋଜ କୁମାର ତରାଇ, ଗୌରୀ ଶଙ୍କର ମହାନ୍ତି ଓ ରଞ୍ଜନ କୁମାର ମିଶ୍ର ପ୍ରମୁଖ ଏହି ବିକ୍ଷୋଭରେ ଭାଗ ନେଇଥିଲେ ।







**ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ** କୋର୍ଟପେଟା ଜଗନ୍ନାଥ ମନ୍ଦିର । ଗୋସାଇଁନୂଆଗାଁ ଗୋକୁଳଧାମ । କିନ୍ନରମାନେ ବ୍ରତ ପାଳନ କରିବାକୁ ଯାଉଛନ୍ତି ।

ଧରିତ୍ରୀ DHARITRI
ବ୍ରହ୍ମପୁର, ମଙ୍ଗଳବାର, ୪ ଜୁନ, ୨୦୧୯



## ସଂକ୍ଷେପରେ

### ବର୍ଷା ଛାଡ଼ିଲା ପରେ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା



ଟିକିରି,୩।୬(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ସୋମବାର ସକାଳ ୮ଟାରୁ ୧୦ ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥିଲା । ଫଳରେ ଡ୍ରେନ ପାଣି ଠିକ୍ ଭାବେ ନିଷ୍କାସନ ନ ହେବାରୁ ଅଳିଆ ଆବର୍ଜନା ରାସ୍ତାରେ ଜମା ହୋଇ ରହିଥିଲା । ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ପ୍ରତ୍ୟେକ ଦିନ ସଫା କରାଯାଉ ନ ଥିବାରୁ ଅଳିଆ ଆବର୍ଜନା ପୋତି ହୋଇ ରହିଛି । ସାମାନ୍ୟ ବର୍ଷା ହେଲେ ଅଳିଆ ଆବର୍ଜନା ରାସ୍ତା ଉପରକୁ ଉଠି ଆସୁଛି । ଏନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପଞ୍ଚାୟତ ଅଧିକାରୀ କୌଣସି ପଦକ୍ଷେପ ନେଉ ନାହାନ୍ତି । ପ୍ରତ୍ୟେକ ଦିନ ଡ୍ରେନଗୁଡ଼ିକ ସଫେଇ କରିବାକୁ ସାଧାରଣରେ ଦାବି ହୋଇଛି ।

### ଶ୍ରେଷ୍ଠ ପ୍ରିନ୍ସିପାଲ ଭାବେ ଆଦିତ୍ୟ ବିର୍ଲା ଅଧ୍ୟକ୍ଷ ମନୋନୀତ

ଟିକିରି,୩।୬(ଡ଼ି.ଏନ.ଏ)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ପ୍ରିନ୍ସପାଲ ଲକ୍ଷ୍ମୀନାରାୟଣ ଦାଶଙ୍କୁ ଜିଲା ଶ୍ରେଷ୍ଠ ପ୍ରିନ୍ସପାଲ ଭାବେ ମନୋନୀତ କରାଯାଇଛି। ଏକାଡ଼େମିକ କାଉନସିଲ ଅଫ ସାଇନ୍ସ ଅଲିମ୍ପିୟାଡ଼ ଫାଉଣ୍ଡେଶନ (ସୋଫ)ତରଫରୁ ୨୦୧୮-୧୯ ଶିକ୍ଷା ବର୍ଷ ପାଇଁ ଦାଶଙ୍କୁ ମନୋନୀତ କରାଯାଇଛି । ସୋଫ ତରଫରୁ ଆୟୋଜିତ ଅଲିମ୍ପିୟାଡ଼ ପରୀକ୍ଷାରେ ସଫଳତା ଏବଂ ବିଭିନ୍ନ କାର୍ଯ୍ୟ କୁଶଳତା ପାଇଁ ତାଙ୍କୁ ପୁରସ୍କୃତ କରାଯିବ । ଆସନ୍ତା ଜୁଲାଇରେ ପ୍ରିନ୍ସପାଲ ଦାଶଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି । ଏହି ସୂଚନା ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ପ୍ରକାଶ ଥାଉକି, ସୋଫ ଅଲିମ୍ପିୟାଡ଼ ପ୍ରତିଯୋଗିତାରେ ଦେଶର ୧୪ ଶହ ମୁଖ୍ୟ ସହରର ୫୦ ହଜାର ସ୍କୁଲ ସହିତ ୩୦ ଦେଶର ଶିକ୍ଷକମାନେ ଅଂଶ ଗ୍ରହଣ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

## ବ୍ରହ୍ମପୁର ମହାନଗରରେ ପାଣି ସଙ୍କଟ

# ଫେଲ୍ ମାରିଛି ଜାନିବିଲି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ

ବ୍ରହ୍ମପୁର ଅଫିସ,୩।୬

- ପିଇବା ପାଣି ନ ପାଇ ବାସିନ୍ଦା ହନ୍ତସନ୍ତ
- ପୂର୍ବତନ ବିଜେଡି କର୍ପୋରେଟରଙ୍କ ଆନ୍ଦୋଳନ ଧମକ
- ବିଧାୟକ ବିକ୍ରମ କହିଲେ ୬ରେ ସମୀକ୍ଷା ହେବ
- ସ୍ଥିତି ନ ସୁଧୁରିଲେ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବଦଳି କରାଯିବ

ବ୍ରହ୍ମପୁର ମହାନଗର ନିଗମରେ ଦୀର୍ଘଦିନରୁ ଭୟଙ୍କର ଜଳ ସଙ୍କଟ ଲାଗି ରହିଛି। ଅନେକ ୱାର୍ଡରେ ହଜାର ହଜାର ବାସିନ୍ଦା ପାଣି ନ ପାଇ କଲବଲ ହେଉଛନ୍ତି । ଅପରପକ୍ଷରେ ଗତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ଉଦ୍ଦେଶ୍ୟମୂଳକ ଭାବେ ଅସମ୍ପୂର୍ଣ୍ଣ ଜାନିବିଲି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମାର୍ଚ୍ଚ ୩ରେ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି। ପ୍ରାୟ ୫ ଶହ କୋଟି ଟଙ୍କାରେ ଏହି ଯୋଜନା ସହରବାସୀଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହୋଇଥିବା ସାଧାରଣରେ ସଙ୍ଗିନ ଅଭିଯୋଗ ହୋଇଛି। କମାପଲ୍ଲୀ ଅଞ୍ଚଳର ୩୧ନଂ. ୱାର୍ଡରେ ଗତ ସପ୍ତାହ ହେବ ପାଇପ୍ ଜଳ ଯୋଗାଣ ବ୍ୟାହତ ହୋଇଥିବା ମହାନଗର ନିଗମର ପୂର୍ବତନ ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣା କହିଛନ୍ତି। ସମ୍ପୃକ୍ତ ଜନସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ଦାୟୀ କରିଛନ୍ତି। ଏହାର ପ୍ରତିବାଦରେ ୱାର୍ଡର ୧୫ ସାହିବାସିନ୍ଦାଙ୍କୁ ମେଳି କରି ଆନ୍ଦୋଳନ ଚଳାଇବାର ସେ ଚେତାବନୀ ଶୁଣାଇଛନ୍ତି ।

ସୂଚନାଯୋଗ୍ୟ, ମହାନଗରରେ ଦୀର୍ଘ ୩ ଦଶନ୍ଧି ଧରି ପାଣି ସମସ୍ୟା ଉତ୍କଟ ହୋଇଛି । ଏଥିପାଇଁ ୨୪ ବର୍ଷର ୫ ଥର ବିଧାୟକ ହାଇଥିବା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସହରବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବହୁ ବିଳମ୍ବରେ ରାଜ୍ୟ ସରକାର ଜାନିବିଲି ଯୋଜନା ପାଇଁ ନିଷ୍ପତ୍ତି ନେଲେ। ୨୦୧୬ ନଭେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ପାଇଁ ଶିଳାନ୍ୟାସ କଲେ । ୨୦୧୮ ନଭେମ୍ବର ୩୦ରେ ନିର୍ମାଣ ଶେଷ ହେବାର ସେ ଜନ ସମାବେଶରେ ଘୋଷଣା କରିଥିଲେ । ଅବଧିର ୬ ମାସ ପୂରିଛି ଏବଂ ୫୦% ନିର୍ମାଣ କାର୍ଯ୍ୟ ସରି ନ ଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି । ମହାନଗରରେ ୫୮ ହଜାରରୁ ଅଧିକ ବାସଗୃହ ଅଛି। ସବୁ ଘରକୁ ଜାନିବିଲି ପାଣି ଯୋଗାଇବାର ନକ୍ସା ପ୍ରସ୍ତୁତ କରାଯାଇଛି। ଏକ ନାମୀଦାମୀ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି । ସେହି ସଂସ୍ଥା ସହର ସାରା ଖୋଳି ରାସ୍ତାଗୁଡ଼ିକ କଦର୍ଯ୍ୟ କରି ପକାଇଛି। ଫଳରେ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ହୋଇଛି। କେବେ ସମ୍ପୂର୍ଣ୍ଣ ହେବ ତାହା ମଧ୍ୟ ଅନିଶ୍ଚିତତା ହୋଇଯାଇଛି।

ମହାନଗର ଜନସଂଖ୍ୟା ବଢ଼ି ଚାଲିଥିବାରୁ ଦୈନିକ ଅନ୍ୟୂନ ୬୦ ଏମ୍ଏଲଡି ପାଣିର ଆବଶ୍ୟକତା ରହିଛି । ଋଷିକୁଲ୍ୟା ମିଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଦକ୍ଷିଣପୁର ଜଳ ଭଣ୍ଡାର ଏବଂ ଡିପ୍ ଟ୍ୟୁବ୍‌ୱେଲ ଆଦିରୁ ୪୦ରୁ ୪୫ ଏମ୍ଏଲଡି ପାଣି ମିଳୁଛି। ଭୂ-ତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଥିବାରୁ ନଳକୂଅଗୁଡ଼ିକରୁ ପାଣି ନିର୍ଗତରେ ସମସ୍ୟା ସୃଷ୍ଟି ହୋଇଛି। ଘରୋଇ କୂଅଗୁଡ଼ିକ ମଧ୍ୟ ଶୁଖି ଯାଇଛି। ଗତ ମାର୍ଚ୍ଚ ମାସରୁ ପ୍ରଚଣ୍ଡ ଖରା ଯୋଗୁ ବର୍ତ୍ତମାନ ସୁଦ୍ଧା ପାଣି ସଙ୍କଟ ଭୟଙ୍କର ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ରହସ୍ୟଜନକ ଭାବେ ଜାନିବିଲି ପ୍ରକଳ୍ପର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଲୋକଙ୍କ ଅଭିଯୋଗ ଶୁଣିବା ତେଣେ ଥାଉ ଫୋନ ମଧ୍ୟ ଉଠାଉ ନାହାନ୍ତି। ଗଜପତି ନଗର, ଆଙ୍କୁଲି, ଶିଳ୍ପାଞ୍ଚଳ, ଲାଞ୍ଜିପଲ୍ଲୀ, ବିଜିପୁର, କମାପଲ୍ଲୀ, ଅଶୋକନଗର ଓ ଆଉ କେତେକ ଅଞ୍ଚଳରେ ଜଳକଷ୍ଟ ଅସମ୍ଭାଳ ହୋଇଯାଇଛି ।

ନବ ନିର୍ବାଚିତ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କୁ ଏବେ ଜଳ ସଙ୍କଟ ଚ୍ୟାଲେଞ୍ଜ ହୋଇଯାଇଛି। ସୋମବାର ଯୋଗାଯୋଗ ବେଳେ ଭୟଙ୍କର ପାଣି ସଙ୍କଟକୁ ସେ ସ୍ୱୀକାର କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଅପାରଗତାରୁ ଏଭଳି ସ୍ଥିତି ଉପୁଜିଥିବା ଧରିତ୍ରୀକୁ ପଣ୍ଡା କହିଛନ୍ତି । ବିକ୍ରମ ଆହୁରି କହିଛନ୍ତି, ଆସନ୍ତା ୬ ତାରିଖରେ ନିଅଣ୍ଟିଆ ଜଳଯୋଗାଣ ନେଇ ସମୀକ୍ଷା କରାଯିବ । ମହାନଗର ନିଗମ ଦପ୍ତର ପରିସରରେ ଏହା ଅନୁଷ୍ଠିତ ହେବ। ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଏମ୍‌ସି କମିଶନର, ଅନ୍ୟ ପଦାଧିକାରୀ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟର ପ୍ରମୁଖ ଉପସ୍ଥିତ ରହିବେ। ପରିସ୍ଥିତିର ସୁଧାର ନ ହେଲେ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରଙ୍କୁ ସ୍ଥାନାନ୍ତର ଲାଗି ସରକାରଙ୍କ ଉପରେ ଚାପ ପକାଯିବାର ବିଧାୟକ ସୂଚନା ଦେଇଛନ୍ତି ।

### ୪୫କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡା ଅଫିସ୍, ୩।୬

ରାୟଗଡା ରେଳ ଷ୍ଟେଶନ୍‌ରୁ ବିଶାଖାପାଟଣାକୁ ଗଞ୍ଜେଇ ଚାଲାଣ ବେଳେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ସୁମିତ କୁମାର ମହତ ଓ ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ଅନ୍ତର୍ଗତ ରାଞ୍ଚି ସହରରେ । ରବିବାର ରାତିରେ ସୁମିତ ୫ଟି ବ୍ୟାଗରେ ଗଞ୍ଜେଇ ଧରି ରାୟଗଡା ଷ୍ଟେଶନ୍‌ରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ । ସେହି ସମୟରେ ଆର୍‌ପିଏଫ୍ ଓ ଜିଆର୍‌ପି କର୍ମଚାରୀମାନେ ମିଳିତ ଭାବେ ଷ୍ଟେଶନ୍ ପ୍ଲାଟଫର୍ମରେ ପାଟ୍ରୋଲିଂ କରୁଥିଲେ । ପୋଲିସର ସନ୍ଦେହ ହେବାରୁ ସୁମିତଙ୍କ ବ୍ୟାଗ୍‌କୁ ଯାଞ୍ଚ କରିଥିଲା । ସେଥିରେ ଗଞ୍ଜେଇ ରହିଥିବା ଦେଖିବାକୁ ମିଳିଥିଲା। ଏହାପରେ ଗଞ୍ଜେଇ ସହ ସୁମିତଙ୍କୁ ଜିଆର୍‌ପି ଥାନାକୁ ନିଆଯାଇଥିଲା । ତାଙ୍କ ବ୍ୟାଗ ଗୁଡିକରୁ ୪୫ କେଜି ୭୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଜିଆର୍‌ପି ଡିଏସ୍‌ପି କୈଳାସ ଚନ୍ଦ୍ର ବୁରୁଦା, ଆଇଆଇସି ଶୁଭେନ୍ଦୁ ଶବର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

## ଡିଆରଡିଏ ପିଡିଙ୍କ ଗୁଣପୁର ଗସ୍ତ

# ରାସ୍ତା, ପାନୀୟ ଜଳ ଉପରେ ଗୁରୁତ୍ୱ

ଗୁଣପୁର,୩।୬(ଡି.ଏନ.ଏ)

ରାୟଗଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ଦୁଇ ଦିନ ହେବ ଗୁଣପୁର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ସେ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ଟଲଣା ପଞ୍ଚାୟତର ବଡମସିଂ ଏବଂ ପାତିଲିଠାରେ ସୋଲାର ଲାଇଟ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ପୁଟାସିଂ ପଞ୍ଚାୟତର ଜଙ୍ଗଜଙ୍ଗଠାରେ ବିଦ୍ୟୁତୀକରଣ କାର୍ଯ୍ୟ, ମାନେଙ୍ଗୁଲ ଏବଂ କୁମ୍ଭୁଲସିଂଠାରେ ଲାଗି ରହିଥିବା ପାଣି ସମସ୍ୟା ନେଇ ସ୍ଥିତି ପରଖିଥିଲେ। ସେଠାରେ କୂଅ ଖୋଳାଯାଉଥିବା ବେଳେ ସୋଲାର ଲାଇଟ୍ ମାଧ୍ୟମରେ କିପରି ଜଳଯୋଗାଣ ହୋଇପାରିବ, ସେନେଇ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପୁଟାସିଂ ପଞ୍ଚାୟତରୁ କଲୁସିଂ ପଞ୍ଚାୟତକୁ ଭାୟା ଜଙ୍ଗଜଙ୍ଗ, ମାନେଙ୍ଗୁଲ, କୁମ୍ଭୁଲସିଂ, ତଣ୍ଡରଙ୍ଗ, ଆବାସିଂ, ଗାଇଲୁଙ୍ଗ ଏବଂ ଡେଙ୍ଗିନି ପର୍ଯ୍ୟନ୍ତ ରାସ୍ତା ପଞ୍ଚାୟତ ସମିତି ନୂତନ ଭାବେ ନିର୍ମାଣ କରିଥିବାବେଳେ ୪ ଚକିଆ ଯାନବାହନ ଚଳାଚଳ କରାଯାଇ ରାସ୍ତା କାର୍ଯ୍ୟର ଅଗ୍ରଗତି ଦେଖିଥିଲେ। ଗାଇଲୁଙ୍ଗରେ ଅଙ୍ଗନୱାଡି କେନ୍ଦ୍ରର ମରାମତି କାର୍ଯ୍ୟ ସହ ତଣ୍ଡରଙ୍ଗରେ ପାନୀୟ ଜଳ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ବିଡିଓ ଗାୟତ୍ରୀ ଦେବୀ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଜାନିଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ ।



ନିର୍ମାଣାଧୀନ କୂଅ କାର୍ଯ୍ୟ ତଦାରଖ କରୁଛନ୍ତି ପିଡି ।



କନ୍ଧମାଳ ଜିଲା କାରଗାରରେ ସୋମବାର ବିଚାରାଧୀନ ମହିଳା ବନ୍ଦୀମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି ।

# ସାବିତ୍ରୀ ବ୍ରତରେ ସ୍ତ୍ରୀ ଆଣିଲେ ଯୌତୁକ ନିର୍ଯାତନା ଅଭିଯୋଗ

ରାୟଗଡା ଅଫିସ୍, ୩।୬

ସୋମବାର ଥିଲା ସାବିତ୍ରୀ ବ୍ରତ । ସ୍ୱାମୀଙ୍କ ଶୁଭ ମନାସି ସ୍ତ୍ରୀ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରିଥାନ୍ତି । ହେଲେ ରାୟଗଡା ସହରରେ ଏହି ଦିନରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ଆଣିଛନ୍ତି ଯୌତୁକ ନିର୍ଯାତନା ଅଭିଯୋଗ।

୨୦୧୫ରେ ସ୍ଥାନୀୟ ରାଣୀଗୁଡାରେ ରହୁଥିବା ସାଗର ପଣ୍ଡା ଗଞ୍ଜାମ ଜିଲା ବୁଗୁଡା ଥାନା ଅନ୍ତର୍ଗତ ରହୁଙ୍ଗୁ ଗ୍ରାମର ପ୍ରଣତି ପଣ୍ଡାଙ୍କୁ ବିବାହ କରିଥିଲେ । ବିବାହ ପରେ ତାଙ୍କର ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । କନ୍ୟା ସନ୍ତାନ ଜନ୍ମ ହେବାପର ଠାରୁ ଅଧିକ ଯୌତୁକ ଦାବିକରି ସ୍ୱାମୀ ସାଗର ଓ ତାଙ୍କ ପରିବାରବର୍ଗ ପ୍ରଣତିଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ନିର୍ଯାତନା ଅସହ୍ୟ ହେବାରୁ ପ୍ରଣତି ସୋମବାର ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ଏକ ମାମଲା(୧୭୧/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ମାମଲା ରୁଜୁ ପରେ ସାଗର ଓ ତାଙ୍କ ପରିବାରଙ୍କୁ ନୋଟିସ ଜାରି ହୋଇଥିବା ତଦନ୍ତକାରୀ ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି । ପରେ ପ୍ରଣତି ବାପ ଘରକୁ ଚାଲିଯାଇଛନ୍ତି । ତେବେ ଘଟଣା ସମ୍ପର୍କରେ ସାଗରଙ୍କ ପରିବାର ପକ୍ଷରୁ ମତାମତ ମିଳିପାରିନାହିଁ ।

## ସିଆରସି ନିୟୋଜନ ପାଇଁ ବିଜ୍ଞପ୍ତି ନାହିଁ

# ୩:୧ ଅନୁପାତରେ ଶିକ୍ଷକଙ୍କ ତାଲିକା ପଠାଇବା ପାଇଁ ଚିଠି

ବେଗୁନିଆପଡ଼ା,୩।୬(ଡି.ଏନ.ଏ.)

**ହେଲେ ବି ଶିକ୍ଷକଙ୍କ ଆଗ୍ରହ ନାହିଁ**

ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେବାଠାରୁ ରାଜ୍ୟରେ ବିଦ୍ୟାଳୟ ଗୁଡିକ ପାଇଁ ସମନ୍ୱୟ ରଖିବା ସକାଶେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓପେପା ଅଧୀନରେ ପ୍ରତି ବ୍ଲକରେ ସିଆରସିସି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସିଆର୍‌ସିସିମାନେ ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଦାୟିତ୍ୱ ନେଇ ସେହି କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟରେ ମନିଟରିଂ କରିବା ସହ ପୁସ୍ତକ ବଣ୍ଟନ, ଉଜ୍ୱଳ ଓ ଉତ୍‌ଥାନ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଥାନ୍ତି। ମାସର ୧୫ ଦିନ ନିଜ ବିଦ୍ୟାଳୟରେ ଶିକ୍ଷାଦାନ କରି ଆଉ ୧୫ ଦିନ କ୍ଲଷ୍ଟରର ସ୍କୁଲକୁ ଅନ ଲାଇନରେ ମନିଟରିଂ କରିବା ପାଇଁ ସେମାନଙ୍କ ଜବ୍ ଚାର୍ଟରେ ରହିଛି। ହେଲେ କେତେକ ସିଆରସିସି ନିଜ ବିଦ୍ୟାଳୟରେ ୧୫ ଦିନ ଶିକ୍ଷାଦାନ କରୁ ନ ଥିବା ଦେଖିବାକୁ ମିଳିଛି । ସିଆରସିଙ୍କ କାର୍ଯ୍ୟକାଳ ୫ ବର୍ଷ। ୫ ବର୍ଷ ପରେ ନୂତନ ଶିକ୍ଷକଙ୍କୁ ଏହି ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥାଏ। କିନ୍ତୁ ବର୍ତ୍ତମାନ ଏହି ବିଜ୍ଞପ୍ତି ପ୍ରକାଶ କରା ନ ଯାଇ ଯେଉଁ କ୍ଲଷ୍ଟରରେ ଏହି ପଦବୀ ଖାଲି ପଡ଼ିବାକୁ ଯାଉଛି ସେହି କ୍ଲଷ୍ଟରରେ ଗୋଟିଏ ପଦବୀ ପାଇଁ ୩ ଜଣ ଶିକ୍ଷକଙ୍କ ନାମ ଚୟନ କରି ଡିପିସିଙ୍କ କାର୍ଯ୍ୟାଳୟକୁ ପଠାଇବାକୁ ଡିପିସି ବିଇଓଙ୍କୁ ପତ୍ର ଲେଖିଛନ୍ତି। ବେଗୁନିଆପଡ଼ା ବ୍ଲକରେ ୭ ପଦବୀ ଖାଲି ହେବାକୁ ଯାଉଥିବାବେଳେ ପତ୍ର ଅନୁସାରେ ୨୧ ଜଣ ଶିକ୍ଷକଙ୍କ ନାମ ତାଲିକାଭୁକ୍ତ କରି ପଠାଇବା କଥା। କିନ୍ତୁ ଆଜିସୁଦ୍ଧା ୯ ଜଣଙ୍କ ତାଲିକା ପଠାଯାଇଛି। ତାହା ପୁଣି ବାଧବାଧକତାରେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବେଗୁନିଆପଡ଼ା ବିଆର୍‌ସି ତଥା ଏବିଇଓ ସୁଷମା ଶବରଙ୍କ ସହ ଯୋଗାଯୋଗ କରିବାରେ ସେ ଶିକ୍ଷକ ମାନେ ଏହି ପଦବୀ ପାଇଁ ଆଗ୍ରହ ନଥିବା ଯୋଗୁ ଅଧିକ ନାମ ପଠାଯାଇ ପାରୁନି ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅନ୍‌ଲାଇନ ମନିଟରିଂ ହେବା ପରଠୁ ଅକ୍ଷାଂଶ ଓ ଦ୍ରାଘିମା ଅନୁସାରେ ସିଆରସିଙ୍କ ଅବସ୍ଥିତି, ମନିଟରିଂ ଅବଧି ସବୁ ଅଧିକାରୀମାନେ ଜାଣିବା ସହ ଏତେ ଡାଟା ସଂଗ୍ରହ ସାଙ୍ଗକୁ ବହି ବଣ୍ଟନ, ସଠିକ ସମୟରେ ଅର୍ଥ ନ ମିଳିବା, ଏତେ ଗୁଡ଼ିଏ ସ୍କୁଲରେ ଉଜ୍ୱଳ ଓ ଉତ୍‌ଥାନ ଭଳି କାର୍ଯ୍ୟକ୍ରମକୁ ସଫଳ ନ କରିପାରିଲେ ସିଆରସିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳ ରୂପାୟନ, ଶାଳାସିଦ୍ଧି କାର୍ଯ୍ୟକ୍ରମ, ବିଭିନ୍ନ ବୈଠକରେ ଉପସ୍ଥିତି ଆଦି ଗୁରୁତ୍ୱପୂର୍ଣ୍ଣ କଥା ଥିବା ଯୋଗୁ ସିଆରସି ପଦବୀକୁ ନ ଯାଇ ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଶିକ୍ଷକମାନେ ଶ୍ରେୟ ମନେ କରୁଛନ୍ତି। ଖାଲି ବେଗୁନିଆପଡ଼ା ନୁହେଁ, ଖଲ୍ଲିକୋଟ, ଗଞ୍ଜାମ, ପୋଲସରା, ସମେତ ଗଞ୍ଜାମ ଜିଲାର ସମସ୍ତ ବ୍ଲକରେ ସମାନ ସମସ୍ୟା। ଏହି ପଦବୀ ପାଇଁ ଲିଖିତ ଓ ମୌଖିକ ପରୀକ୍ଷା ଡିଆଇଇଟି ପରିଚାଳନା କରୁଥିବା ବେଳେ ଯେତିକି ଶିକ୍ଷକଙ୍କ ନାମ ବିଇଓମାନେ ଡିପିସିଙ୍କୁ ପଠାଇଛନ୍ତି ସେଥିରୁ ଏହି ପରୀକ୍ଷାରେ ପାସ ମାର୍କ ଠାରୁ ଅଧିକ ରଖିଲେ ହିଁ ପଦବୀ ପାଇଁ ଚୟନ ହେବ ବୋଲି ଜଣାପଡ଼ିଛି । ଅପର ପକ୍ଷରେ ସିଆରସିସି ଚୟନରେ ଅନିୟମିତତା ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇ ପଡ଼ିଛି।

## ମରାମତି ଅପେକ୍ଷାରେ ନେହେରୁ ପାର୍କ

# ଭଙ୍ଗା ଉପକରଣରେ ଚାଲିଛି ବ୍ୟାୟାମ

ବ୍ରହ୍ମପୁର ଅଫିସ୍,୩।୬

ବ୍ରହ୍ମପୁର ନେହେରୁ ପାର୍କରେ ସକାଳ ଏବଂ ସନ୍ଧ୍ୟାରେ ସହରବାସୀଙ୍କ ଭିଡ଼ ଜମିଥାଏ। ବିଶେଷକରି ପ୍ରାତଃ ସମୟରେ ପାର୍କରେ ଚଲାବୁଲା ସହ ବ୍ୟାୟାମ କରିବାକୁ ବରିଷ୍ଠ ନାଗରିକମାନେ ପସନ୍ଦ କରିଥାନ୍ତି। କିନ୍ତୁ ପାର୍କରେ ଥିବା ବ୍ୟାୟାମ ଉପକରଣଗୁଡ଼ିକ ଭାଙ୍ଗିଗଲାଣି । ମାତ୍ର ୭ରୁ ୮ ମାସ ପୂର୍ବେ ଏହି ଉପକରଣ ଲଗାଯାଇଥିବା ବେଳେ ଏବେ ଭାଙ୍ଗି ଯାଇଥିବା ଯୋଗୁ ବ୍ୟାୟାମ କରିବାରେ ଅସୁବିଧା ହେଉଛି । ମରାମତି କରିବାକୁ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ସହରର କେତେକ ପାର୍କକୁ ଅମୃତ ଯୋଜନାରେ ଉନ୍ନତୀକରଣ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ଲାଗି ଖୋଲା ଜିମ୍ ପାଇଁ ବିଭିନ୍ନ ପ୍ରକାର ଉପକରଣ ଖଞ୍ଜା ଯାଇଥିଲା । ଆଖପାଖ ଅଞ୍ଚଳର ବହୁ ବରିଷ୍ଠନାଗରିକଙ୍କ ଭିଡ଼ ଏଠାରେ ଜମିଥାଏ। ସେହିଭଳି ଶିଶୁମାନଙ୍କ ପାଇଁ ଖେଳନା ଲାଗିଥିବା ଯୋଗୁ ସେମାନଙ୍କର ମଧ୍ୟ ଭିଡ଼ ଦେଖିବାକୁ ମିଳେ। ହେଲେ ମରାମତି ଅଭାବରୁ ଏବେ ଉପକରଣଗୁଡ଼ିକ ଖରାପ ହୋଇଗଲାଣି। ଖୋଲା ଜିମ୍‌ର ଉପକରଣଗୁଡ଼ିକ ଆଉ ବ୍ୟବହାର ଉପଯୋଗୀ ହୋଇନାହିଁ। ସେହିଭଳି ଶିଶୁଙ୍କ ଖେଳନା ଉପକରଣଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଏନେଇ ବହୁଥର ବରିଷ୍ଠ ନାଗରିକମାନେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି । ହେଲେ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେବଳ ଉପକରଣ ଖଞ୍ଜି ଦେଇ ବିଏମ୍‌ସି କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ଯାହାକୁ ନେଇ ବରିଷ୍ଠ ନାଗରିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ କେବଳ ନେହେରୁ ପାର୍କ ନୁହଁ, ସହରର ଅନ୍ୟାନ୍ୟ ପାର୍କଗୁଡ଼ିକରେ ଉପକରଣଗୁଡ଼ିକର ମରାମତି ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି ।



ବରିଷ୍ଠ ନାଗରିକମାନେ ଭଙ୍ଗା ଜିମ୍ ଉପକରଣରେ ବ୍ୟାୟାମ କରୁଛନ୍ତି ।



ଜିମ୍ ଉପକରଣ ଭାଙ୍ଗିଯାଇଛି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର,ମଙ୍ଗଳବାର, ଜୁନ୍ ୪/୨୦୧୯ Berhampur, Tuesday, June 4/ 2019


# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ଫୁଲବାଣୀ ଅଫିସ, ୩।୬

କନ୍ଧମାଳ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମେ ଜିଲାର ନବ ନିର୍ବାଚିତ ୩ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା । ଜିଲାପାଳ ଡ.ବୃନ୍ଦା ଡି ଏଥିରେ ସଭାପତିତ୍ୱ କରି ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ଦରକାର । ବିପର୍ଯ୍ୟୟ ପରେ ଥଇଥାନ ପଦକ୍ଷେପକୁ ଠିକ ଭାବେ ପରିଚାଳନା କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ବନ୍ୟା ମୁକାବିଲା ପାଇଁ ଦୁର୍ବଳ ସ୍ଥିତରେ ଥିବା ସ୍ଥାନ, ଅଞ୍ଚଳ ଆଦି ପରିଦର୍ଶନ କରି ସମ୍ପୃକ୍ତ ବିଭାଗକୁ ବିଡିଓ ଏବଂ ତହସିଲଦାର ରିପୋର୍ଟ ଦେବେ । ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି ପାଇଁ ପ୍ରସ୍ତୁତ ରହିବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, କ୍ଷୁଦ୍ର ଜଳସେଚନ, ବିଦ୍ୟୁତ ଏବଂ ପୌର ପରିଷଦର ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା ପ୍ଳାବିତ ଅଞ୍ଚଳରେ ଅସ୍ଥାୟୀ ପୋଲିସ୍ ଓ୍ୟାରଲେସ୍ ଷ୍ଟେଶନ୍ ସ୍ଥାପନ ଏବଂ ଅସ୍ଥାୟୀ ଟେଲିଫୋନ୍ ସଂଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିଭଳି ବିଦ୍ୟୁତ, ଟେଲି ଯୋଗାଯୋଗ ଏବଂ ରାସ୍ତା ମରାମତି, ଆବଶ୍ୟକ ସ୍ଥଳେ ଓଡ୍ରାଫ୍, ଏନଡିଆର୍‌ଏଫ୍‌ର ସାହାଯ୍ୟ ନିମନ୍ତେ ଆଗୁଆ ଯୋଜନା କରାଯାଇଛି । ବିଭିନ୍ନ ଅଞ୍ଚଳରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ ପାଇଁ ବିଡିଓ ଏବଂ ତହସିଲଦାରମାନଙ୍କୁ ମଧ୍ୟ କୁହାଯାଇଛି । ଆଗାମୀ ୨ ମାସ ପାଇଁ ଜିଲାର ବିଭିନ୍ନ ସ୍ଥାନ ସମେତ ଦୁର୍ଗମ ଅଞ୍ଚଳଗୁଡିକରେ ଆବଶ୍ୟକ ପରିମାଣର ଚୁଡ଼ା, ଗୁଡ଼ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ା ଇଞ୍ଜେକ୍ସନ୍ ଏବଂ ଅନ୍ୟାନ୍ୟ ଔଷଧ ମହଜୁଦ ରଖିବାକୁ କୁହାଯାଇଥିଲା । ଡାକ୍ତରଖାନା, ଅଙ୍ଗନୱାଡ଼ି କେନ୍ଦ୍ର, ଆଶାକର୍ମୀ ବିଶେଷକରି ଅପହଂଚ ଇଲାକା ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ପାଉଡର୍, ହାଲୋଜିନ୍ ବଟିକା ଓ ଅନ୍ୟାନ୍ୟ ଦରକାରୀ ଔଷଧ ମହଜୁଦ୍ କରିବା ପାଇଁ ଜିଲା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଗୋ-ଖାଦ୍ୟ ଏବଂ ଔଷଧ ମହଜୁଦ କରି ରଖିବାକୁ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଛି। ବିଡିଓମାନେ ପ୍ରତିଦିନ ପୂର୍ବାହ୍ନ ୧୧ଟା ସୁଦ୍ଧା ବୃଷ୍ଟିପାତ ବିବରଣୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବା, ଓଡ଼ିଶା ବୃଷ୍ଟିପାତ ପର୍ଯ୍ୟାଲୋଚନା ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବା, ସେମାନଙ୍କ ଅଞ୍ଚଳର ଜଳଉତ୍ସ ଗୁଡ଼ିକ ଦୈନିକ ତଦାରଖ କରି ପିଇବା ପାଣି ବିଶୋଧନ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ବାଲିଗୁଡ଼ା ଉପ ଜିଲାପାଳ ସିନ୍ଧେ ଦତାତ୍ରେୟ ଭାଉସାହେବ, ସମସ୍ତ ତହସିଲଦାର, ବିଡିଓମାନେ ବୈଠକରେ ଉପସ୍ଥିତ ଥିଲେ ।



ବୈଠକରେ ବିଧାୟକ, ଜିଲାପାଳ ଆଲୋଚନା କରୁଛନ୍ତି ।

## କନ୍ଧ ଗଉଡ ସେବା ସମିତିର ସାଧାରଣ ସଭା

ଫିରିଙ୍ଗିଆ,୩।୬

ଫିରିଙ୍ଗିଆ ବ୍ଲକ ଭଙ୍ଗିଯୋଡିର ଗୁରୁପଡାଠାରେ କନ୍ଧ ଗଉଡ ସେବା ସମିତିର ସାଧାରଣ ସଭାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । କନ୍ଧ ଗଉଡ ସେବା ସମିତି ନାମରେ ମୁଖ୍ୟ କାର୍ଯ୍ୟାଳୟ ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ପରେ ଏକ ପରିଚାଳନା କମିଟି ଗଠନ ହୋଇଥିଲା । ସଭାପତି ଭାବେ ପ୍ରେମାନନ୍ଦ ମାଝି, କାର୍ଯ୍ୟକାରୀ ସଭାପତି ଦେବେଶ୍ୱର ମାଝି, ଉପ ସଭାପତି ପ୍ରଦୀପ ନାୟକ, ସାଧାରଣ ସମ୍ପାଦକ ବିଭୀଷଣ ମାଝି, ସଙ୍ଗଠନ ସମ୍ପାଦକ ସୁଶାନ୍ତ ମାଝି, ସହ ସମ୍ପାଦକ କ୍ଷେତ୍ରବାସୀ ବେହେରା, କୋଷାଧ୍ୟକ୍ଷ ନନ୍ଦ କିଶୋର ବେହେରା, ଆଇନ ପରାମର୍ଶଦାତା ଭାବେ ସତ୍ୟ ନାରାୟଣ ବେହେରା ମନୋନୀତ ହୋଇଥିଲେ । ମୋଟ ଏହି ସମିତିକୁ ୩୬ ଜଣଙ୍କୁ ନେଇ ଗଠିତ ହୋଇଛି ।

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ଏନ୍‌ଏସିର ଦୋକାନ ଗୃହ

ଜି.ଉଦୟଗିରି,୩।୬(ଡି.ଏନ.ଏ.)- ଜି.ଉଦୟଗିରି ଏନ୍‌ଏସିରେ ଥିବା ଦୋକାନ ଗୃହଗୁଡ଼ିକ ଦୀର୍ଘବର୍ଷ ହେବ ମରାମତି ନ ହୋଇ ବିପଦ ସଂକୁଳ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ପବନ ହେଲେ ଟିଣ ଉଡ଼ି ଯାଉଛି । ଆଜକୁ ଏକ ସପ୍ତାହ ହେବ ସହରରେ ପ୍ରତ୍ୟେକ ଦିନ ଅପରାହ୍ନରେ କାଳବୈଶାଖୀ ବର୍ଷା ପବନ ଲାଗି ରହୁଛି। ଫଳରେ ଦୋକାନ ମାଲିକମାନେ ଭଙ୍ଗାରୁଜା ଘର ଖୋଲିବାକୁ ଭୟ କରୁଛନ୍ତି। ଦୋକାନ ଗୃହଗୁଡ଼ିକ ପାଇଁ ଏନ୍‌ଏସି ମାସକୁ ମାସ ଭଡ଼ା ସଂଗ୍ରହ କରୁଛି । କିନ୍ତୁ ଏଗୁଡ଼ିକ ମରାମତି ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ କରାଯାଉନାହିଁ ବୋଲି ଦୋକାନ ମାଲିକମାନେ ଅଭିଯୋଗ କରିଛନ୍ତି । ସୂଚନା ପ୍ରକାରେ ୨୦ ବର୍ଷ ପୂର୍ବେ ଦୋକାନ ଘରଗୁଡ଼ିକ ତିଆରି ହୋଇଥିଲା । ସେହିଦିନଠାରୁ ଏହାର ମରାମତି କରାଯାଇନାହିଁ । ଏ ସମ୍ପର୍କରେ ଜି.ଉଦୟଗିରି ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକଙ୍କୁ ପଚାରିବାରେ ଦୋକନା ଘରଗୁଡ଼ିକ ଭାଙ୍ଗି ଯାଇଥିବା ଖବର ଆସିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଏକ ସପ୍ତାହ ମଧରେ ଘରଗୁଡ଼ିକ ମରାମତି କରିବା ପାଇଁ ତାଙ୍କୁ କହିଛନ୍ତି ବୋଲି କନିଷ୍ଠ ଯନ୍ତ୍ରୀ କହିଥିଲେ । ଅତିଶୀଘ୍ର ଦୋକାନ ଘରଗୁଡ଼ିକ ମରାମତି କରାଯିବ ବୋଲି ସେ କହିଛନ୍ତି ।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



କନିଷି,୩।୬(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଗତ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମସ୍ତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମସ୍ତଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଛି । ଅବସରକାଳୀନ ସମସ୍ତ ଅର୍ଥ ଓ ପେନସନ ପାଇବା ପାଇଁ ଆଦେଶନାମା ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଏଥିରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ପ୍ରଭାତୀ ମହାପାତ୍ର, କିରାଣି ମନୋରଞ୍ଜନ ପାଢ଼ୀ ଓ ମୁରଲୀ ସେଠୀଙ୍କ ସହଯୋଗରେ ଉକ୍ତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ସଂଘ ସମ୍ପାଦକ ସୁଧାଂଶୁ ଶେଖର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିକ୍ଷୟିତ୍ରୀଙ୍କ ବିୟୋଗ

ବୁଗୁଡ଼ା,୩।୬(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି ନେଳିଆବନ୍ଧ ସାହି ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରୁଥିବା ଅଞ୍ଜଳି ସେଠୀଙ୍କ ରବିବାର ମୃତ୍ୟୁ ଘଟିଛି । ପୂର୍ବରୁ ସେ ଅସୁସ୍ଥ ଥିବାରୁ ତାଙ୍କୁ ବଡ଼ଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ମତଦେହକୁ ବାଦୁଆସ୍ଥିତ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥାର ନିର୍ଦ୍ଦେଶକ ଡ. କୁମୁଦ ଚନ୍ଦ୍ର ବେହେରାଙ୍କ ବାସଭବନକୁ ନିଆଯାଇଥିଲା।

### ରାଜୟୋଗ ଶିବିର

ଆସିକା,୩।୬(ଡି.ଏନ୍.ଏ.)-ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶକ୍ତି ଭବନରେ ରବିବାରଠାରୁ ଯୋଗ ସାଧନା ଶିବିର ଆରମ୍ଭ ହୋଇଛି। ଏହାକୁ ଧରାକୋଟ ତହସିଲଦାର ଗଦାଧର ପାତ୍ର ଉଦଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ରାଉତ ଓ ଯୋଗ ପ୍ରଶିକ୍ଷକ ଗୁଣ୍ଡିଚା ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ବ୍ରହ୍ମାକୁମାରୀ ପ୍ରଭାତୀ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାପ୍ତି ନିମନ୍ତେ ଜନସାଧାରଣ ଏହି ନିଃଶୁଳ୍କ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିବେଦନ କରିଥିଲେ । ଶିବିର ଆନ୍ତର୍ଜାତିକ ଯୋଗ ଦିବସ ଅର୍ଥାତ୍ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଯୋଗାଭ୍ୟାସ କରାଯିବ।

# ପ୍ରକୃତ କଳାକାରଙ୍କୁ ମିଳିଲାନି ଭତ୍ତା

ବୁଗୁଡା,୩।୬(ଡି.ଏନ.ଏ.)

**୬ ମାସ ବିତିଲା**

ବିଭିନ୍ନ କଳା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଳାକାର ଭତ୍ତା ଯୋଜନା କରାଯାଇଥିଲା । ମାତ୍ର ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ବର୍ତ୍ତମାନ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। କାରଣ ହେଲା କଳା ବିଷୟରେ ଆଦୌ ଜ୍ଞାନ ନଥିବା କେତେଜଣ ବ୍ୟକ୍ତି ବୁଗୁଡାରେ କଳାକାର ଭତ୍ତା ପାଉଥିବା ବେଳେ କଳାକୁ ପେସା କରି ବିଭିନ୍ନ ସ୍ତରରେ ସମ୍ମାନ ପାଇଥିବା ପ୍ରକୃତ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ବୁଗୁଡା ଏନଏସିରେ ରହୁଥିବା ନୃତ୍ୟ ଓ ସଙ୍ଗୀତ ଶିକ୍ଷକ ସୁରେନ୍ଦ୍ର ଦାଶ । ତାଙ୍କ ନୃତ୍ୟ ଓ ସଙ୍ଗୀତର ଦକ୍ଷତା ବୁଗୁଡା ଅଞ୍ଚଳରେ ବେଶ ଜଣାଶୁଣା । ସେ ହଜାରେରୁ ଅଧିକ ଛାତ୍ରୀଛାତ୍ର ସୃଷ୍ଟି କରିବା ସହ ବିଭିନ୍ନ ସଙ୍ଗଠନରୁ ବହୁ ପ୍ରମାଣପତ୍ର ପାଇଛନ୍ତି । ମାତ୍ର ତାଙ୍କୁ ଏଯାଏ କଳାକାର ଭତ୍ତା ମିଳିନାହିଁ। କଳାକାର ଭତ୍ତା ପାଇଁ ବୁଗୁଡା ଏନ୍‌ଏସିରୁ ମୋଟ ୧୪ ଜଣଙ୍କ ନାମ ସ୍ୱୀକୃତି ପାଇଁ ପଠାଯାଇଥିଲା । ଗତ ଡିସେମ୍ବରରେ ୧୧ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସିଥିବା ବେଳେ ଅନ୍ୟ ୩ ଜଣଙ୍କୁ ମିଳି ନ ଥିଲା । ସେଥିରେ ସୁରେନ୍ଦ୍ରଙ୍କ ସମେତ ୩ ଜଣ ବରିଷ୍ଠ ଓ ପ୍ରକୃତ କଳାକାର ରହିଥିଲେ । ଏନେଇ ସେ ବୁଗୁଡା ଏନ୍‌ଏସି ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଏନ୍‌ଏସି ପ୍ରଶାସନ ଚିଠି କରି ଜିଲା ସଂସ୍କୃତି ବିଭାଗକୁ ଜଣାଇଥିଲା । ହେଲେ ୬ ମାସ ବିତିଲାଣି ସଂସ୍କୃତି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ସୁରେନ୍ଦ୍ର ଦାଶ, ଦଣ୍ଡପାଣି ବିଷୋୟୀ ଓ ମୁରଲୀ ପ୍ରଧାନ ପ୍ରମୁଖ ବାରମ୍ବାର ଏନଏସି କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଶେଷରେ ଜିଲାପାଳଙ୍କୁ ମଧ୍ୟ ଚିଠି ଯୋଗେ ଜଣାଇଛନ୍ତି। ଏପରିକି ସୁରେନ୍ଦ୍ର ଦାଶ ରାଜ୍ୟ ସଂସ୍କୃତି ବିଭାଗ କାର୍ଯ୍ୟାଳୟ ଓ ଜିଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ କଳାକାର ଭତ୍ତା ଏକ ପ୍ରହସନ ଓ ଭେଳିକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଗଞ୍ଜାମ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କୁ ପଚାରିବାରୁ ସୁରେନ୍ଦ୍ର ଦାଶଙ୍କ ଆବେଦନପତ୍ର ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି, ସେଠାରୁ ଅନୁମୋଦନ ହୋଇ ଆସିଲେ ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ।

# କାଳବୈଶାଖୀରେ ଟିଣ, ଛପର ଉଡ଼ିଲା

ଶଙ୍କରାଖୋଲ,୩।୬(ଡି.ଏନ୍.ଏ.)

ଚକାପାଦ ବ୍ଲକ ବପଲମେଣ୍ଡି ପଞ୍ଚାୟତର ସିର୍କାକୁଟୀ ଓ ବରେନ୍‌ଡିପ ଗ୍ରାମରେ ରବିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡି ସହ ପ୍ରବଳ ବର୍ଷା ପବନ ହୋଇଥିଲା । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବହୁ ଘରର ଚାଳ, ଆଜ୍‌ବେଷ୍ଟସ ଓ ଟିଣ ଛପର ଉଡ଼ିଯାଇଛି । ଏଥିସହ ଘରେ ଥିବା ଖାଦ୍ୟ ସାମଗ୍ରୀ ଓ ବିଭିନ୍ନ ଆସବାବାପତ୍ର ସବୁ ଭିଜିଯାଇ ନଷ୍ଟ ହୋଇଯାଇଛି । ଉକ୍ତ ପଞ୍ଚାୟତର ସରପଞ୍ଚ ସାରଳା କହଁର ଘଟଣାସ୍ଥଳ ବୁଲି ଦେଖିବା ସହିତ ପଞ୍ଚାୟତ ଏବଂ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସିର୍କାକୁଟୀ ଗାଁର ଚକ୍ରଧର ନାୟକ, ସନ୍ତୋଷ ଦିଗାଳ, ବିବେକାନନ୍ଦ ନାୟକ, ପଞ୍ଚାନନ ନାୟକ, ଜଳେଶ୍ୱର ଦିଗାଳ, ଅନୁପମା ନାୟକ, ତ୍ରିବେଣୀ ଦିଗାଳ, ଗୁରୁଦେବ ଦିଗାଳ, ଉର୍ମିଳା କହଁର, ପାନାବାଡ଼ି ଓ ବରେନ୍‌ଡିପ ଗ୍ରାମର ମୂରଲିଧର ନାୟକ, ସୁଶାନ୍ତ କୁମାର ଦିଗାଳଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ବୃଦ୍ଧା, ବୃଦ୍ଧମାନଙ୍କ ଝୁପୁଡିଘର ଆଦି ଉଡ଼ିଯାଇଛି । ତେବେ ତୁରନ୍ତ ସରକାର ସାହାର୍ଯ୍ୟ ଯୋଗାଇଦେବା ପାଇଁ କ୍ଷତିଗ୍ରସ୍ତମାନେ ଦାବି କରିଛନ୍ତି ।

# ଜବର ଦଖଲ ଉଚ୍ଛେଦ କଲା ପ୍ରଶାସନ



ଉଚ୍ଛେଦ ସ୍ଥାନ ।

ଫୁଲବାଣୀ ଅଫିସ, ୩।୬

ସରକାରୀ ଜମିକୁ ଜବରଦଖଲକାରୀଙ୍କ କବଳରୁ ରବିବାର ଜିଲା ପ୍ରଶାସନ ଉଚ୍ଛେଦ କରିଛି। ସରକାରୀ ସ୍ଥାନରେ ନିର୍ମିତ ଛାତ ଘରକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି । ଫୁଲବାଣୀ ସହର ନଦିଖଣ୍ଡି ସାହି ପ୍ରାଥମିକ ବିଦ୍ୟାଳୟ ନିକଟରେ ଏହି ଉଚ୍ଛେଦ କରାଯାଇଛି । ବିଶିକେଶନ ସାହାଣୀ ନାମକ ଜଣେ ଅବସରପ୍ରାପ୍ତ ବରିଷ୍ଠ କିରାଣୀ ସରକାରୀ ଜମିକୁ ଜବର ଦଖଲ କରି ସେଠାରେ ପକ୍କା ଘର କରିଥିଲେ। ଜିଲା ପ୍ରଶାସନ ତରଫରୁ ତାଙ୍କୁ ପୂର୍ବରୁ ଘର ନିର୍ମାଣ ନ କରିବା ପାଇଁ ବାରଣ କରାଯାଇଥିଲା । ଏଥି ପାଇଁ ତାଙ୍କୁ ନୋଟିସ ମାଧ୍ୟମରେ ସୂଚନା ମଧ୍ୟ ଦିଆ ଯାଇଥିଲା । ହେଲେ ସେ ଏହାକୁ ଅମାନ୍ୟ କରି ଘର ତୋଳି ଥିଲେ। ଫୁଲବାଣୀ ତହସିଲଦାର ଆଲୋକ କୁମାର ପ୍ରଧାନ ଫୁଲବାଣୀ ଟାଉନ ଥାନା ପୋଲିସ ସହାୟତାରେ ଘଟଣାସ୍ଥଳକୁ ଯାଇ ଘର ଭାଙ୍ଗିଥିଲେ। ସହକାରୀ ଜିଲାପାଳ ବିଜୟ କୁମାର ପ୍ରଧାନ, ଫୁଲବାଣୀ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ତ୍ରିପତି ଚୌଧୁରୀ, ଫୁଲବାଣୀ ରାଜସ୍ୱ ନିରୀକ୍ଷକ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜବରଦଖଲ ଜାଗା ଜୁଡିସିଆଲ ବିଭାଗର ବୋଲି ଜଣାପଡିଛି।

# ଆମ ପୋଲିସ ସମିତି ବୈଠକ

ଫିରିଙ୍ଗିଆ, ୩।୬

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ଧ ବିଶ୍ୱାସ, ଗୁଣି ଗାରେଡି, ନାରୀ ନିର୍ଯାତନା, ଟ୍ରାଫିକ ନିୟମ, ଏଟିଏମ୍ ଠକାମୀ ଆଦି ଉପରେ ଉପସ୍ଥିତ ଜନ ସାଧାରଣଙ୍କୁ ପୋଲିସ ସଚେତନ କରାଯାଇଥିଲା । ଗାଡି ଚଳାଇବା ବେଳେ ଟ୍ରାଫିକ ନିୟମ ମାନିବା ଏବଂ ହେଲମେଟ ପିନ୍ଧିବା, ଗଞ୍ଜେଇ ଚାଷ ନ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସ୍ଥାନୀୟ ବଜାର କମିଟିର ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ଏବ ଯୁବକମାନେ ଉପସ୍ଥିତ ଥିଲେ ।

# ଉଲିପଦରକୁ ହରାଇ ଦମାଦୁଆ ଚାମ୍ପିୟନ



ଚାମ୍ପିୟନ ଟିମ୍।

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୩।୬(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା କିନାରିଗାଁଠାରେ ଚାଲିଥିବା ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଉଲିପଦର ଓ ଦମାଦୁଆ ମଧ୍ୟରେ ଖେଳା ଯାଇଥିଲା। ଦମାଦୁଆ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୫ ଓଭରରେ ୫ ଉଇକେଟ ହରାଇ ୧୭୮ରନ୍ କରିଥିଲା। ଜବାବରେ ଉଲିପଦର ୧୫୦ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଏଥିରେ ବିଜୟୀ ଦମାଦୁଆ ଦଳକୁ ମାନପତ୍ର ସହ ୧୨ହଜାର ଟଙ୍କା ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିବାବେଳେ ରନର୍ସଅପ୍ ଉଲିପଦର ଦଳକୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଉକ୍ତ ଟୁର୍ନାମେଣ୍ଟରେ ମୋଟ ୩୨ ଦଳ ଭାଗ ନେଇଥିବା ବେଳେ ସମସ୍ତ ଦଳ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲାର। ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟ ଏହାକୁ ଆୟୋଜନ କରିଥିବାବେଳେ ପରିଚାଳନା ସଭାପତିଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘ ସହଯୋଗ କରିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ